Bhubaneswar- 13 may 2026
ଭୁବନେଶ୍ୱର- ୧୩ ମେ' ୨୦୨୬
Vol- 1 Issue - 17
ଭାଗ- ୧ ସଂଖ୍ୟା- ୧୭
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ

# ବାତିଲ ହେଲା ନିଟ୍ ୟୁଜି ୨୦୨୬ ପରୀକ୍ଷା




- ପ୍ରଶ୍ନପତ୍ର ଲିକର ସମ୍ଭାବ୍ୟ ଆଶଙ୍କା ଘଟଣା
- ପ୍ରଶ୍ନପତ୍ର ଲିକର ତଦନ୍ତ କରିବ ସିବିଆଇ
- ଲିକ୍ ହୋଇଥିବା ୧୨୦ ପ୍ରଶ୍ନ ମୂଳ ପ୍ରଶ୍ନ ସହ ମେଳ କରୁଛି
- ୧୦ ଦିନ ମଧ୍ୟରେ ନିଟ୍ ପରୀକ୍ଷା ସୂଚନା-ଏନଟିଏ
- ପ୍ରଶ୍ନପତ୍ର ଲିକ ମାମଲାରେ ଜଣେ ଅଟକ

**ନୂଆଦିଲ୍ଲୀ :** ରଦ୍ଦ ହୋଇଛି ନିଟ୍ ୟୁଜି ୨୦୨୬ ପରୀକ୍ଷା। ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ପରୀକ୍ଷା ବାତିଲ ସମ୍ପର୍କରେ ଘୋଷଣା କରିଛି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏ। ମେ' ୩ରେ ହୋଇଥିବା ନିଟ୍ ୟୁଜି ପରୀକ୍ଷାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଥିଲା। ପ୍ରଶପତ୍ର ଲିକର ସମ୍ଭାବ୍ୟ ଆଶଙ୍କା ଦେଖା ଯାଇଥିଲା। ଏଥିପାଇଁ ଏବେ ପରୀକ୍ଷାକୁ ବାତିଲ କରି ଦିଆଯାଇଛି। ମେ' ୩ରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ପ୍ରାୟ ୨୨ ଲକ୍ଷ ୭୯ ହଜାର ଶିକ୍ଷାର୍ଥୀ ଭାଗ ନେଇଥିଲେ। ନିଟ୍ ୟୁଜି ହେଉଛି ଦେଶର ସବୁଠାରୁ ବଡ଼ ପ୍ରବେଶିକା ପରୀକ୍ଷା। କିନ୍ତୁ ଏବେ ଏହା ସ୍ୱଚ୍ଛତା ସଙ୍କଟ ମଧ୍ୟରେ ଫସିଛି। ପରୀକ୍ଷା ବାତିଲ ହେବା ଯୋଗୁ ଲକ୍ଷାଧିକ ଶିକ୍ଷାର୍ଥୀ ପ୍ରଭାବିତ ହୋଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ସମ୍ଭାବ୍ୟ ପ୍ରଶ୍ନପତ୍ର ଲିକର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ୟବସ୍ଥା ଉପରେ ବିଶ୍ୱାସ ଅତୁଟ ରଖିବା ପାଇଁ ସରକାର ସାନି ପରୀକ୍ଷା ସମ୍ପର୍କରେ ବି କହିଛନ୍ତି। ଏବେ ଦୁଇଟି ସମ୍ଭାବ୍ୟ ଲିକ ଉପରେ ତଦନ୍ତର ଫୋକସ ରହିଛି। ପ୍ରଶ୍ନପତ୍ର ଛପା ଯିବା ସମୟରେ କିମ୍ବା ପ୍ରଶ୍ନପତ୍ର ପ୍ରସ୍ତୁତି ସମୟରେ ଲିକ ହୋଇଥିବା ଆଶଙ୍କା ରହିଛି। ସିବିଆଇ ତଦନ୍ତ ଦାୟିତ୍ୱ ନେଇଥିବାରୁ ପୂରା ଘଟଣାର ବିସ୍ତୃତ ତଥ୍ୟ ସାମ୍ନାକୁ ଆସି ପାରିବ ବୋଲି ସମସ୍ତେ ଆଶା ରଖିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସିର କହିବା କଥା ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦେଇଥିବା ତଥ୍ୟ ଆଧାରରେ ପରୀକ୍ଷାକୁ ବାତିଲ କରାଯାଇଛି। ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ପରୀକ୍ଷା ପ୍ରକ୍ରିୟାରେ ବୁଝାମଣା କରାଯାଇଥିଲା। ବିଧିବଦ୍ଧ ବିବୃତିରେ ଏନଟିଏ କହିଛନ୍ତି ଯେ ସମସ୍ତ ପ୍ରମାଣକୁ ଦେଖିବା ପରେ ପରୀକ୍ଷାକୁ କାଏମ ରଖିବା ସମ୍ଭବ ନୁହେଁ। ନ୍ୟାଶନାଲ ଟେଷ୍ଟିଂ ବ୍ୟବସ୍ଥାରେ ବିଶ୍ୱସନୀୟତା ଓ ସ୍ୱଚ୍ଛତା ରଖିବା ପାଇଁ ପରୀକ୍ଷା ବାତିଲ ଅପରିହାର୍ଯ୍ୟ। ପରୀକ୍ଷା ପୂର୍ବଦିନ ପ୍ରଶ୍ନପତ୍ର ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ୩୦ ହଜାର ଟଙ୍କାରେ ପ୍ରଶପତ୍ର ବିକ୍ରି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଲିକ୍ ହୋଇଥିବା ୧୨୦ ପ୍ରଶ୍ନ ମୂଳ ପ୍ରଶ୍ନ ସହ ମେଳ କରୁଛି। ୯୦ଟି ବାୟୋଲୋଜି ଓ ୩୦ଟି କେମିଷ୍ଟ୍ରି ପ୍ରଶ୍ନ ସାମ୍ନାକୁ ଆସିଥିବା ପ୍ରଶ୍ନପତ୍ର ସହ ମେଳ ଖାଉଥିବା ଜଣାପଡ଼ିଛି। ରାଜସ୍ଥାନରୁ ହିଁ ପ୍ରଥମେ ପ୍ରଶ୍ନପତ୍ର ଲିକ ଘଟଣା ସାମ୍ନାକୁ ଆସିଥିଲା। ଏଥିପାଇଁ ରାଜସ୍ଥାନରେ ୪୫ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଛି। ଏନଟିଏ କହିଛି ଯେ ନିଟ୍ ୟୁଜି ୨୦୨୬ ପରୀକ୍ଷା ପୁଣି ଅନୁଷ୍ଠିତ ହେବ। ଏହାର ତାରିଖ ଖୁବଶୀଘ୍ର ସମସ୍ତଙ୍କୁ ଅବଗତ କରାଯିବ। ପୁଣି ପରୀକ୍ଷା ହେବାକୁ ଥିଲେ ହେଁ ପିଲାମାନଙ୍କୁ କୌଣସି ପ୍ରକାରର ରେଜିଷ୍ଟ୍ରେନ କିମ୍ବା ଆବେଦନ ଫି' ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଚିହ୍ନଟ ହୋଇଥିବା ପରୀକ୍ଷା କେନ୍ଦ୍ର ବୈଧ ରହିବ। ପରୀକ୍ଷା ପୂର୍ବରୁ ନୂଆ ଆଡମିଟ କାର୍ଡ ମଧ ଜାରି କରାଯିବ ବୋଲି ଏନଟିଏ କହିଛି। ଅନ୍ୟପଟେ ନୂତନ ପରୀକ୍ଷା ତାରିଖ ୧୦ ଦିନ ମଧ୍ୟରେ ଘୋଷଣା କରାଯିବ ବୋଲି ଏନଟିଏ ପକ୍ଷରୁ ସୂଚନା ମିଳିଛି। ଏହାସହ ତ୍ରୁଟି ଶୂନ୍ୟ ପରୀକ୍ଷା କରିବୁ ବୋଲି ମଧ ଏନଟିଏ ଡିଜି କହିଛନ୍ତି। ଏନଟିଏ ନିର୍ଦ୍ଦେଶକ ଜେନେରାଲ ଅଭିଷେକ ସିଂହ କହିଛନ୍ତି ଯେ ପରୀକ୍ଷାରେ ମିଳୁଥିବା ଯେକୌଣସି ଛୋଟ ଅନିୟମିତତାକୁ ଗମ୍ଭୀର ଭାବରେ ବିବେଚନା କରାଯିବ। ସେ ଆହୁରି ମଧ କହିଛନ୍ତି ଯେ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବିଚାରକୁ ନେଇ "ଶୂନ୍ୟ ସହନଶୀଳତା" ନୀତି ଗ୍ରହଣ କରାଯାଇଛି। ତେଣୁ, ପୁନଃପରୀକ୍ଷା ତାରିଖ ୧୦ ଦିନ ମଧ୍ୟରେ ଘୋଷଣା କରାଯିବ। ଏନଟିଏ ଅନୁଯାୟୀ, ମେ ୭ ତାରିଖରେ, ଜଣେ ହ୍ୱିସଲବ୍ଲୋଅର୍ ହ୍ୱାଟ୍ସଆପରେ ସେୟାର କରାଯାଇଥିବା ପ୍ରଶ୍ନ ରିପୋର୍ଟ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଲା ଯେ ବିଷୟବସ୍ତୁ ମୂଳ ପ୍ରଶ୍ନପତ୍ର ସହିତ ସମାନ ଥିଲା। ଏହା ପରେ, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ଏକ ମିଳିତ ତଦନ୍ତ ଆରମ୍ଭ ହୋଇଥିଲା। ମେ ୧୦ ଏବଂ ୧୧ ତାରିଖ ସୁଦ୍ଧା ଅନେକ ତଥ୍ୟ ସାମ୍ନାକୁ ଆସିଥିଲା ଯାହା ନିଶ୍ଚିତ କରିଥିଲା ଯେ ପରୀକ୍ଷା ଜାରି ରଖିବା ଅନୁପଯୁକ୍ତ ହେବ। ଫଳସ୍ୱରୂପ, ପରୀକ୍ଷା ବାତିଲ କରିବାର ନିଷ୍ପତ୍ତି ନିଆଯାଇଥିଲା।ପେପର୍ ଲିକ୍ ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏକ ବଡ଼ ସଫଳତା ହାସଲ କରିଛନ୍ତି, ଯାହା ଦେଶବ୍ୟାପୀ ଆଲୋଚନାର ବିଷୟ ପାଲଟିଛି। ରାଜସ୍ଥାନ ପୁଲିସ ମହାରାଷ୍ଟ୍ରର ନାସିକରେ ଜଣେ ସନ୍ଦିଗ୍ଧ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ରିପୋର୍ଟ ହୋଇଛି ଯେ ଅଭିଯୁକ୍ତ ଦୀର୍ଘ ସମୟ ଧରି ନଜରରେ ଥିଲା ଏବଂ ନିଜର ପରିଚୟ ଲୁଚାଇବା ପାଇଁ ନିଜକୁ ଲୁଚାଇ ରଖିଥିଲା। ଏହି କାର୍ଯ୍ୟାନୁଷ୍ଠାନ ପେପର୍ ଲିକ୍ ନେଟୱାର୍କର ଅଧିକ ରହସ୍ୟ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି।ନାସିକ୍ ସିଟି ଡିସିପି କିରଣ କୁମାର କହିଛନ୍ତି ଯେ ମଙ୍ଗଳବାର ସକାଳେ, ରାଜସ୍ଥାନ ପୁଲିସ ଏହି ମାମଲାରେ ସହାୟତା ଲୋଡ଼ିଥିଲା। ରାଜସ୍ଥାନରୁ ମିଳିଥିବା ବୈଷୟିକ ସୂଚନା ଏବଂ ଗୁପ୍ତଚର ଆଧାରରେ, ନାସିକ୍ କ୍ରାଇମ୍ ବ୍ରାଞ୍ଚ ତୁରନ୍ତ କାର୍ଯ୍ୟ କରିଥିଲା ଏବଂ ସନ୍ଦିଗ୍ଧଙ୍କୁ ଅଟକ ରଖିଥିଲା।

ପୁଲିସ ଅଧିକାରୀଙ୍କ ଅନୁଯାୟୀ, ଅଭିଯୁକ୍ତ ସିଧାସଳଖ ପେପର୍ ଲିକ୍ ମାମଲା ସହିତ ଜଡିତ ବୋଲି ବିଶ୍ୱାସ କରାଯାଉଛି। ଅଭିଯୁକ୍ତ ନାସିକରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବରେ ରାଜସ୍ଥାନ ପୁଲିସ ଦଳକୁ ହସ୍ତାନ୍ତର କରାଯିବ ।

## କଟକରେ ବୁଲିଲା ଖଣ୍ଡା

# ଚୋରା ମଦ ବେପାରୀଙ୍କ ଖଣ୍ଡା ଚୋଟରେ ୩ ଯୁବକ ଗୁରୁତର



**କଟକ :** କଟକର ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ମୁଣ୍ଡଳୀ ଛକରେ ତିନି ଜଣଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ୩ ଜଣ ଗୁରୁତରଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ବାରଙ୍ଗ ଥାନା ମୁଣ୍ଡଳୀ ବ୍ୟାରେଜ ନିକଟ ସାନମୁଣ୍ଡଳୀ ଗ୍ରାମର କାହ୍ନୁ ଦଳାଇ ନାମକ ଯୁବକ ଛକରେ ଦହିବରା ଖାଉଥିବା ବେଳେ ୬ ଜଣ ଦୁର୍ବୃତ୍ତ ୨ଟି ବାଇକ୍ ରେ ଆସି ଖଣ୍ଡାରେ ପ୍ରଥମେ ତାଙ୍କୁ ଆକ୍ରମଣ କରିଥିଲେ । କାହ୍ନୁଙ୍କୁ ବଞ୍ଚାଇବାକୁ ଯାଇ ଦହିବରା ବ୍ୟବସାୟୀ ବାଟୁଆ ଏବଂ ଅନ୍ୟ ଜଣେ ପାନ ଦୋକାନୀ ଅନୀଲ ମଧ ଗୁରୁତର ଆହତ ହୋଇଛନ୍ତି । ଏପରିକି ଆକ୍ରମଣକାରୀଙ୍କ ଧାରୁଆ ଅସ୍ତ୍ରର ଚୋଟ, ଦହିବରା ବିକାଳୀଙ୍କ ହାଣ୍ଡି ଗୁଡ଼ିକରେ ମଧ ସ୍ପଷ୍ଟ ଦେଖିବାକୁ ମିଳିଛି । କାହ୍ନୁଙ୍କୁ ଖଣ୍ଡାରେ ପେଟକୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ । ତାଙ୍କୁ ବଞ୍ଚେଇବାକୁ ଆସିଥିବା ୨ ଜଣଙ୍କୁ ମଧ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ । ଏହି ଘଟଣାରେ ଆହତ ମାନଙ୍କୁ କଟକ ବଡ଼ ମେଡିକାଲକୁ ପଠା ଯାଇଛି । ଘଟଣା ସ୍ଥଳରେ ଜୋନ୍ ୪ ଏସିପି, ବାରଙ୍ଗ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ଆକ୍ରମଣର କାରଣ ଜଣାପଡି ନାହିଁ । କେଉଁ କାରଣରୁ ଏପରି ଘଟଣା ଘଟିଲା ତାହାର ତଦନ୍ତ କରୁଛି ପୋଲିସ । ତେବେ ପୂର୍ବ ଶତ୍ରୁତାରୁ ଏପରି ଘଟଣା ଘଟିଥିବା କୁହା ଯାଉଥିବା ବେଳେ ଏନେଇ ବାରଙ୍ଗ ଥାନାରେ କେସ୍ ନମ୍ବର ୨୩୭/୨୦୨୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଏହାର ତଦନ୍ତ କରୁଛି ବୋଲି ବାରଙ୍ଗ ଥାନା ପକ୍ଷରୁ ସୂଚନା ମିଳିଛି । ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ । ଏପରି ବିଭତ୍ସ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିଛି । ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରେ ଖଣ୍ଡା, ଭୁଜାଲି ପରି ମାରଣାସ୍ତ୍ରରେ ବିଚ୍ ବଜାର ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଏଇ କିଛି ଦିନ ମଧ୍ୟରେ ପ୍ରଥମେ ପୁରୀ ଜିଲ୍ଲା କଣାସ, ଏହାପରେ ବାଲିଅନ୍ତା ଓ ଗୋଟିଏ ଦିନ ବ୍ୟବଧାନରେ ବାଲିପାଟଣା, ତାପରେ ନୟାଗଡ଼ର ବିଭତ୍ସ ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

## ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

# ଚଳିତ ସପ୍ତାହ ସୁଦ୍ଧା ଆଣ୍ଡାମାନ ଛୁଇଁବ ମୌସୁମୀ

**ଭୁବନେଶ୍ୱର :** ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏଥର ସ୍ୱାଭାବିକ ସମୟ ମଧ୍ୟରେ ଆସିବ ମୌସୁମୀ । ଚଳିତ ସପ୍ତାହର ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ଏନେଇ ପୂର୍ବାନୁମାନ କରିଛି। ପ୍ରତିବର୍ଷ



ମେ ୧୮ ରୁ ୧୯ ମଧ୍ୟରେ ପ୍ରାୟତଃ ଆଣ୍ଡାମାନ ଛୁଇଁଥାଏ ମୌସୁମୀ ବାୟୁ । ଏହା ପରେ ଆଗକୁ ବଢ଼ି କେରଳ ନିକଟରେ ଜୁନ୍ ପ୍ରଥମ ସପ୍ତାହରେ ପହଞ୍ଚିଥାଏ । କେରଳ ଛୁଇଁବାର ୧୦ ରୁ ୧୨ ଦିନ ମଧ୍ୟରେ ଓଡ଼ିଶାକୁ ଅଗ୍ରସର ହୋଇଥାଏ ମୌସୁମୀ। କିନ୍ତୁ ଚଳିତବର୍ଷ ଏହି ପ୍ରକ୍ରିୟା ସଅଳ ହେବ। ଏପରିକି ସ୍ୱାଭାବିକ ଠାରୁ ଅଧିକ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।ଏପଟେ ରାଜ୍ୟରେ କାଳବୈଶାଖୀ ବର୍ଷାକୁ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆଗାମୀ ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି ଆଗାମୀ ୧୩ ତାରିଖ ରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆକଳନ କରାଯାଉଛି।

## ଶେଷ ପର୍ଯ୍ୟାୟରେ ତିନିରଥର ମୁହାଁଟ ନିର୍ମାଣ କାର୍ଯ୍ୟ

# ୨୫ ଚକ, ଯୋକା ନିରାଡ଼ି ଚଉପଟ ନିର୍ମାଣ ଶେଷ

**ପୁରୀ :** ତିନିରଥର ଚାରୋଟି ଲେଖାଁଏ ମୁହାଁଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥ ୨୫ଟି ଚକର ନିର୍ମାଣ ସରିଛି। ତିନି ରଥର ବାକି ଚକ ଗୁଡ଼ିକର ନିର୍ମାଣ କାର୍ଯ୍ୟ ସହ ତିନିରଥ ଯୋକା ନିରାଡ଼ି ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ୪ଟି ଲେଖାଏଁ ମୁହାଁଟ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ରଥର ଚାରି ପାର୍ଶ୍ୱରେ ଗୋଟିଏ ଗୋଟିଏ ନିରଡି ଏବଂ ଗୋଟିଏ ଗୋଟିଏ ମୁହାଁଟ ଲାଗିଥାଏ।ପ୍ରଥମ ପର୍ଯ୍ୟାୟରେ ରଥ ଅମୀନ ତିନି ରଥ ଚାଳିକୁ ୪ ଟି ଲେଖାଏଁ ଯୋଗାଇଥିବା ୨୦ ପୁଟିଆ ଧଉରା କାଠରେ ଦୁଇଟି ମୁହାଣ୍ଟ, ଦୁଇଟି ନିରାଡ଼ି ଚଉପଟ ଶେଷ ପରେ ବାକି ମୁହାଁଟ ଏବଂ ନିରାଡ଼ି ନିର୍ମାଣ ପାଇଁ ଗତକାଲି ଦ୍ୱିତୀୟ ପର୍ଯ୍ୟାୟରେ ରଥ ଅମୀନ ଆଉ ଦୁଇ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇ ଦେଇଥିଲେ । ଏହି ମୁହାଣ୍ଟ ରଥର ପାଞ୍ଚ ଦଣ୍ଡା ଉଭୟ ପାର୍ଶ୍ୱରେ ଫିଟଙ୍ଗ ହୋଇଥାଏ,ଏହି ମୁହାଣ୍ଟ ଉପରେ ଗୁଜ ଫିଟିଙ୍ଗ କରାଯିବା ପରେ ଗୁଜ ଉପରେ ବିରାଡ଼ି ପଡ଼ି ଗୟଳ ମୋଡା ହୁଏ । ଏଥିସହ ମଙ୍ଗଳବାର ତିନିରଥର ପ୍ରଥମ ଭୂଇଁ ଚଉତା ର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ଅପରାହ୍ନରେ ରଥ ଅମୀନ ପ୍ରତି ରଥ ଚାଳିକୁ ତିନୋଟି ଲେଖାଏଁ ୨୦ ଫୁଟିଆ ସାହାଜ କାଠ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇ ଦେଇଥିଲେ ,ତିନି ରଥର ମହାରଣା ସେବକ ମାନେ ଉକ୍ତ ଭୂଇଁ ଚଉତା କାଠ ର ଚଉପଟ କାର୍ଯ୍ୟ ଜାରୀ ରଖିଛନ୍ତି ।ଆଜି ସୁଦ୍ଧା ତାଳଧ୍ୱଜ ରଥର ୧୪ ଚକ ମଧ୍ୟରୁ ୭ ଗୋଟି ଚକ ନିର୍ମାଣ ଶେଷ ହୋଇଛି । ୮ ତମ ଚକର ପଇ କଳସା ଶେଷ ପର୍ଯ୍ୟାୟରେ ପହଞ୍ଚିଛି,୯ମ ଚକର ତୁମ୍ବରେ ସିଙ୍ଗଡ଼ା ବାଡିଆ ପରେ ତୁମ୍ବରେ ଅଖ ବିନ୍ଧ ଶେଷ ହୋଇଅଛି। ଏଥିସହ ୪ଗୋଟି ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଜାରୀ ରହିଛି ।ଆଜିସୁଦ୍ଧା ଦର୍ପ ଦଳନ ରଥର ୧୨ ଗୋଟି ଚକ ମଧ୍ୟରୁ ୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏହାଛଡା ଦୁଇଟି ଲେଖାଏଁ ବିରାଡ଼ି ଏବଂ ଦୁଇଟି ଲେଖାଏଁ ମୁହାଁଟ ର ଚଉପଟ କାର୍ଯ୍ୟ ଶେଷ ପରେ ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଜାରୀ ରହିଛି। ନନ୍ଦିଘୋଷ ରଥର ୧୬ ଗୋଟି ଚକ ମଧ୍ୟରୁ ଆଜିସୁଦ୍ଧା ୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ୧୦ମ ଏବଂ ୧୧ ତମ ଚକରେ ପଇ ପିନ୍ଧା ପରେ ପଇ କଳଶା ଜାରୀ ରହିଛି ।ଏଥିସହ ନନ୍ଦିଘୋଷ ରଥର ଶେଷ ଦୁଇଟି ଲେଖାଏଁ ନିରାଡି ଏବଂ ଦୁଇଟି ମୁହାଁଟ ର ଚଉପଟ କାର୍ଯ୍ୟ ଶେଷ ହୋଇ ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଜାରୀ ରହିଛି। ରୂପକାର ସେବକ ମାନେ ତିନି ରଥର ସାଲ ଗୁଜରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା ଖୋଦେଇ ରୂପ ଗୁଡ଼ିକର ବାଲି କାଗଜ ଦ୍ୱାରା ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ୧୨ ଗୋଟି ଚକ ପାଇଁ ଆବଶ୍ୟକ ଅର କଣ୍ଟା , ପନ୍ଦାରି ବଳା ନିର୍ମାଣ ଶେଷ କରି ତିନି ରଥର ବାକି ଚକ ପାଇଁ ଅର କଣ୍ଟା, ପନ୍ଦାରି, ବଳା ନିର୍ମାଣ ସହ ପନ୍ଦାରି ଚାବି ଏବଂ ପଟା ଜଏଣ୍ଟ ପାଇଁ ଯୋକିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ରଥ ନିର୍ମାଣକାରୀଙ୍କ ତିନିରଥ ମହାରାଣା ସେବକ ୭୮, ତିନିରଥର ଭୋଇ ସେବକ ୭୭, ତିନିରଥ କରତୀ ସେବକ ୪, ତିନିରଥ ଓଝା କମାର ସେବକ ୨୦,ତିନିରଥ ରୂପକାର ସେବକ ୨୧,ତୁମ୍ବ ବିନ୍ଧ କାରୀଗର ୨,ରଥଖଳା ସହାୟକ(ପାଣି ବାଲା) ୧। ମୋଟ ୨୦୩ ଜଣ ମହାପ୍ରଭୁଙ୍କ ସେବାରେ ନିୟୋଜିତ ଅଛନ୍ତି ।

## ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ

**ଭୁବନେଶ୍ୱର :** ଓଡ଼ିଶା ଆସିବେ ନୀତିନ ନବୀନ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ଆସନ୍ତା ୧୮ ଏବଂ ୧୯



ତାରିଖରେ ଖୋର୍ଦ୍ଧା ଜଟଣୀରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ନୀତିନ ନବୀନ ଯୋଗ ଦେବେ। ଏହା ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଏହି ବୈଠକରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିଜେପି ରାଜ୍ୟ ଉପସଭାପତି ସରୋଜ କର, ଯତୀନ ମହାନ୍ତି, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଛନ୍ତି । ଆସନ୍ତା ୧୮ ଏବଂ ୧୯ ତାରିଖରେ ଖୋର୍ଦ୍ଧା ଜଟଣୀରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିରରେ ନୀତିନ ନବୀନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## କାହା ସ୍ୱାର୍ଥରେ ବସୁଧା ଯୋଜନା

# ୪ ବର୍ଷ ହେଲା ନିର୍ମାଣ ଟାଙ୍କିରେ ଆସୁନି ପାଣି

- ପାଣିରେ ପଡିଲା କୋଟି କୋଟି ଟଙ୍କା
- ଗ୍ରୀଷ୍ମରେ ଜଳକଷ୍ଟ ଭୋଗୁଛନ୍ତି ବାସିନ୍ଦା

**କଳାହାଣ୍ଡି :** ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କୋଟିକୋଟି ବ୍ୟୟରେ ବସୁଧା ଯୋଜନାରେ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା । ଅଥଚ ଧର୍ମଗଡ଼ ବ୍ଲକର ଅନେକ ସ୍ଥାନରେ ସେସବୁ ଲୋକଙ୍କ କାମରେ ଆସୁନାହିଁ। କେଉଁଠି ମୋଟର ଖରାପ ତ ଆଉ କେଉଁଠି ପାଇପ ଲାଇନ ତ୍ରୁଟି, ପୁଣି କେଉଁଠି ବିଦ୍ୟୁତ୍ ସଂଯୋଗରେ ବାରମ୍ବାର ବିଭ୍ରାଟ ଯୋଗୁଁ ଲୋକେ ନିୟମିତ ପାଣି ପାଇପାରୁନାହାନ୍ତି। ଫଳରେ ଲୋକମାନେ ବାଧ୍ୟ ହୋଇ ନଳକୂପ ଓ ଅନ୍ୟ ବିକଳ୍ପ ଉପରେ ନିର୍ଭର କରୁଛନ୍ତି। ଯେଉଁ ଗାଁ ରେ ନଳକୂପ ଖରାପ ଅଛି ବା କମ୍ ପାଣି ଆସୁଛି, ମଇଳା ପାଣି ଆସୁଛି, ସେଠି ଲୋକଙ୍କ ଜଳକଷ୍ଟ କହିଲେ ନ ସରେ। ଉଦାହରଣ ସ୍ୱରୂପ ଧର୍ମଗଡ ବ୍ଲକର ତରାପୁର ପଞ୍ଚାୟତ ଅନ୍ତର୍ଗତ ଝାରକୁଣ୍ଡାମାଲ ଗାଁରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଉଚ୍ଚ ପାଣି ଟାଙ୍କି ହୋଇଛି। ଏହି ପାଣି ଟାଙ୍କି ନିର୍ମାଣ ହୋଇ ପ୍ରାୟ ୪ବର୍ଷ ବିତିଯାଇଥିଲେ ମଧ ଲୋକଙ୍କୁ ବୁନ୍ଦାଏ ପାଣି ମିଳୁନାହିଁ । ବିକଳ୍ପ ବ୍ୟବସ୍ଥା ସ୍ୱରୂପ କିଛିଦିନ ପାଇଁ ଗୋଟିଏ ବୋରୱେଲରୁ ଗ୍ରାମର କିଛି ସ୍ଥାନକୁ ସିଧାସଳଖ ପାଣି ଯୋଗାଇ ଦିଆଯାଉଥିଲା, କିନ୍ତୁ ପାଇପ ଲାଇନ୍ ଅବ୍ୟବସ୍ଥା ଯୋଗୁଁ ତାହା ଏବେ ବନ୍ଦ ପଡ଼ିଛି। ଅନ୍ୟପକ୍ଷରେ ନିର୍ମାଣ ସରିବାର ଏତେ ବର୍ଷ ପରେ ମଧ ଏହି ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର ହୋଇନି। ପଞ୍ଚାୟତରେ ମଧ ଅତି ନିମ୍ନମାନର କାମ ହୋଇଥିବା ଆଳ ଦେଖାଇ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ନାରାଜ। ସୂଚନାଯୋଗ୍ୟ ଅନେକ ସ୍ଥାନରେ ବୋରୱେଲ୍ ଖୋଳାଯାଇଥିଲେ ମଧ୍ୟ ପାଣି ଟାଙ୍କି ସହ ସଂଯୋଗ କରାଯାଇନାହିଁ। ସେହିପରି ତରାପୁର ଗାଁରେ ନୂତନ ପାଣି ଟାଙ୍କି କାର୍ଯ୍ୟ ଶେଷ ହୋଇଥିଲେ ମଧ କାର୍ଯ୍ୟକୁ ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟ ଜଳ ସମସ୍ୟା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ପାଣି ଟାଙ୍କି ନିର୍ମାଣ ପରେ ଠିକ୍ ଭାବେ ଏହାର ରକ୍ଷାଣବେକ୍ଷଣ ହେଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏଣୁ ଶୀଘ୍ର ଏଗୁଡ଼ିକର ମରାମତି କରି ନିୟମିତ ପାଣି ଯୋଗାଣ ବ୍ୟବସ୍ଥା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ଚାଷୀ ରୋହିତ ଭୋଇଙ୍କ ଇଚ୍ଛାମୃତ୍ୟୁ ଆବେଦନ ପ୍ରସଙ୍ଗ

# ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ସମବାୟ ମନ୍ତ୍ରୀ

**ବରଗଡ଼:** ବରଗଡ଼ ଚାଷୀ ରୋହିତ ଭୋଇଙ୍କ ଇଚ୍ଛାମୃତ୍ୟୁ ଆବେଦନ ପ୍ରସଙ୍ଗ, ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ସମବାୟ ମନ୍ତ୍ରୀ । ଯଦି ଭୁଲ ହୋଇଛି, ଜିଲ୍ଲାପାଳଙ୍କୁ ଜଣାନ୍ତୁ । ଜିଲ୍ଲାପାଳ ପୁଣି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।ସବୁ ଠିକ ହେବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ଆଲୋଚନା ଓ ତର୍ଜମାରୁ ନିଷ୍କର୍ଷ ବାହାରିବ । ହଠାତ ଏମିତି ଉତକ୍ଷିପ୍ତ ହୋଇ ଇଚ୍ଛାମୃତ୍ୟୁ ଆବେଦନ ଦ୍ୱାରା ନିଜର, ଦେଶର ଓ ପରିବାରର କ୍ଷତି ହେବ। ଏପରି ଭୁଲ ଚିନ୍ତା ନ କରନ୍ତୁ। ସବୁ ଭୁଲ ଠିକ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ।

### ସମ୍ପାଦକୀୟ

## ବାଂଲାଦେଶରେ ତାରିକ୍ ସରକାର

ଯୁଦ୍ଧ କେବେ ବି ହୋଇପାରେ । କୌଣସି ବି ସମୟରେ ହୋଇପାରେ । ଏପରି ଅନୁମାନ ଆମର ଥିଲା ବହୁ ପୂର୍ବରୁ ଯେବେଠାରୁ ଭାରତର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶରେ ୟୁନୁସ୍ ସରକାର ଆରମ୍ଭ ହୋଇଛି, ସେବେଠାରୁ କାରଣଟା ବୁଝିବାରେ ଆଉ କାହାକୁ ବି ବେଶି ସମୟ ଲାଗିନପାରେ । କାରଣଟା ଅବଶ୍ୟ ବୁଝାପଡ଼ିଲାଣି ଯେ ଆମେ ଏବେ କାହାକଥା କହୁଛୁ । ଆମେ ଏବେ କଥା କହୁଛୁ ସେହି ବାଂଲା ଦେଶର କଥା । ଇଏ ହେଉଛି ସେହି ବାଂଲାଦେଶ ଯେ କି କେବେ ପାକିସ୍ତାନ୍ କବଳରୁ ନିଜକୁ ସ୍ୱାଧୀନ କରିବା ପାଇଁ ଅନେକ ଫନ୍ଦି ଫିକର ପ୍ରୟୋଗ କରିଥିଲା । ଆଉଟିକେ ଠିକ୍ ହେବ ଏମିତି କହିଲେ ଯେ ଇଏ ହେଉଛି ସେଇ ବାଂଲାଦେଶ ଯେ କି କେବେ ପାକିସ୍ତାନରୁ ଅଲଗା ହେବା ପାଇଁ ସଂଗ୍ରାମ କରୁଥିଲା । ଯେ କି କେବେ ପାକିସ୍ତାନରୁ ଅଲଗା ହେବା ପାଇଁ ସଙ୍ଘର୍ଷ କରୁଥିଲା । ସେତେବେଳେ ସେ ଭାରତର ସହଯୋଗ ଲୋଡ଼ିଥିଲା ଏବଂ ଭାରତ ବି ତାକୁ ସଠିକ୍ ସମୟରେ ସହଯୋଗ ପ୍ରଦାନ କରିବା ପାଇଁ ସେତେବେଳେ ପୂର୍ଣ୍ଣପ୍ରସ୍ତୁତି ସହ ତାକୁ ପୂର୍ଣ୍ଣ ସହଯୋଗ ମଧ୍ୟ ଯୋଗାଇଦେଇଥିଲା । ଯେତେବେଳେ ପାକିସ୍ତାନ୍‌ର ମୁଖ୍ୟ ଥିଲେ ମୁଜିବୁର ରେହମାନ ଯାହାଙ୍କ ବଳିଷ୍ଠ ନେତୃତ୍ୱରେ ବାଂଲାଦେଶ ଦିନେ ତା'ର ଯୁଦ୍ଧ ପ୍ରସ୍ତୁତି ଚଳାଇଥିଲା । ପାକିସ୍ତାନ୍ କବଳରୁ ନିଜକୁ ମୁକ୍ତ କରିବା ପାଇଁ । ଶେଷରେ ବାଂଲାଦେଶ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲା ଅର୍ଥାତ୍ ବଂାଲଦେଶ ବିଜୟୀ ହୋଇଥିଲା । ପାକିସ୍ତାନଠାରୁ ଅଲଗା ହେବାରୁ ତାକୁ କେହି ଅଟକାଇ ପାରିନଥିଲେ । ଶେଷରେ ପାକିସ୍ତାନ୍‌ର ପରାଜୟ ବାଂଲାଦେଶକୁ ବିଜୟ ପ୍ରଦାନ କରିଥିଲା । ତେବେ ଏଠାରେ ଗୋଟାଏ ବିଶେଷ କଥା ଉଲ୍ଲେଖ କରାଯାଇପାରେ ଯେ ବାଂଲାଦେଶକୁ ଏତେ ସହଜରେ ବିଜୟ ମିଳିପାରିନଥାନ୍ତା । ପାକିସ୍ତାନ୍‌ର ପରାଜୟ ପଛରେ ସବୁଠାରୁ ବଡ଼ କାରଣ ହେଉଛି ତା'ର ଦୁର୍ବଳତା ନୁହେଁ, ପାକିସ୍ତାନ୍‌ର ପରାଜୟ ପଛର ସବୁଠାରୁ ବଡ଼ କାରଣ ହେଉଛି ଭାରତର ହସ୍ତକ୍ଷେପ ଯେଉଁଥିପାଇଁ ବାଂଲାଦେଶ ତା'ର ବିଜୟ ହାସଲ କରି ପାରିଥିଲା । ସେତେବେଳର ଶାସକ ମୁଜିବୁର ରେହେମାନ୍ ଯାହାଙ୍କ୍ ନେତୃତ୍ୱରେ ବାଂଲାଦେଶ ତା'ର ସ୍ୱାଧୀନତା ସଂଗ୍ରାମ ଲଢୁଥିଲା । ଯେ କି ପାକିସ୍ତାନ ଭଳି ଗୋଟାଏ ଯୁଦ୍ଧଖୋର, ମୂର୍ଖ ଏବଂ ଅହଂକାରୀ ଦେଶକୁ ପରାସ୍ତ କରିବା ପାଇଁ ପରିସ୍ଥିତିରେ ପଡ଼ି ହେଉ ଅବା ନିଜର ଦୁର୍ବଳ ରଣନୈତିକ କୁଶଳତା ଅଭାବରୁ ହେଉ, ପାକିସ୍ତାନକୁ ପରାସ୍ତ କରିବା ପାଇଁ ବାଂଲାଦେଶ ସେତେବେଳେ ଭାରତର ସହଯୋଗ ଲୋଡ଼ିଥିଲା ଏବଂ ଭାରତ ମଧ୍ୟ ସଠିକ୍ ସମୟରେ ସହଯୋଗ ପ୍ରଦାନ କରିଥିଲା ଏବଂ ବଂାଲାଦେଶ ବି ବିଜୟ ବରଣ କରିଥିଲା । ଏବେ କିନ୍ତୁ ସେହିଭଳି କିଛି ବିଶ୍ୱାସଘାତକତା କରୁଛି ବାଂଲାଦେଶ । ୟୁନୁସ୍ ମହମ୍ମଦଙ୍କ ନେତୃତ୍ୱରେ ବାଂଲାଦେଶର କଟ୍ଟର ମୁସଲମାନ୍ ଏବେ ଅସଭ୍ୟତାର ସୀମା ବହାରେ । ଯାହାର ଆଗାମୀ ପରିଣାମ ଅତି ଭୟଙ୍କର ହୋଇପାରେ । ଯାହାର ସମ୍ଭାବ୍ୟ ପରିଣାମ ଅତି ଭୟଙ୍କର ହୋଇପାରେ । ଆବଶ୍ୟକ ପଡ଼ିଲେ ଭାରତ ଏବଂ ବଂାଲାଦେଶ ମଧ୍ୟରେ ପୁଣି ହୋଇପାରେ ଆଉଏକ ଯୁଦ୍ଧ । ଯେଉଁଥିପାଇଁ ଭାରତ ଏବଂ ପାକିସ୍ତାନ୍ ମଧ୍ୟରେ ବି ସମ୍ପର୍କ ଖରାପ୍ ହୋଇପାରେ । ଯେହେତୁ ପାକିସ୍ତାନ୍ ମଧ୍ୟ ଆଜିକାଲି ତା'ର ସମର୍ଥନ ଜାରି ରଖିଛି ବଂଲାଦେଶକ । ଯାହା ପଛରେ ରହିଛି କିଛି ନା କିଛି କୂଟନୈତିକ କାରଣ । ଏମିତି ବି ପାକିସ୍ତାନ୍‌ର କିଛି ନା କିଛି ଦୁର୍ବଳତା ରହିଛି । ଯେଉଁଥିପାଇଁ ସେ ବାଂଲାଦେଶ ସପକ୍ଷରେ କଥା କହୁଛି । ପାକିସ୍ତାନର୍ ନୀତି ଗତି ପ୍ରକୃତି ବିଷୟରେ କାହାକୁ ବି ଅଛପା ନାହିଁ । ଏସିଆର ସବୁଠାରୁ ମାରାତ୍ମକ ଦେଶ ପାକିସ୍ତାନ୍ । ସେ ପୁଣି ବାଂଲାଦେଶ ପାଇଁ କଥା କହୁଛି । ସେ ବି ଗୋଟାଏ ମନ୍ଦ ପଡ଼ୋଶୀ ଭାରତ ପାଇଁ । ଯାହା ଶେଖ୍ ହସିନା ସରକାର ପରବର୍ତ୍ତୀ ସମୟରୁ ଜଣାପଡ଼ିଛି । ଯାହା ମହମ୍ମଦ ୟୁନୁସ୍ ସରକାର ଆସିବା ପରଠାରୁ ସ୍ପଷ୍ଟ ହୋଇଛି । କଟ୍ଟର ଇସଲାମିକ ଦେଶଠାରୁ ଆଉ ଅଧିକ କ'ଣ ବା ଆଶା କରାଯାଇପାରେ । ଏବେ ବାଂଲାଦେଶରେ ଆସିଛି ତାରିକ୍ ସରକାର । ତାରିକ୍ ରେହମାନ୍ ଯେ କି ବାଂଲାର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ସୁପୁତ୍ର । ଯାହାଙ୍କୁ ବିଜୟର ଅଭିବାଦନ ଜଣାଇବାରେ ବିଳମ୍ବ କରିନାହାନ୍ତି ମିଷ୍ଟର ମୋଦୀ । ତଥାପି ଭାରତୀୟ ସ୍ପାଇସ୍ ଜେଟ୍ ଉପରେ ପ୍ରତିବନ୍ଧକ ଲଗାଇଦେଲେଣି ମିଷ୍ଟର ତାରିକ । ତହା ବି ତୁରନ୍ତ । ତାରିକ୍ ସରକାରଙ୍କ ସେହିଭଳି ନୀତି ଜାରି ରହିଲେ ଆଗକୁ ଭାରତ ସହିତ ତା'ର ସମ୍ପର୍କକୁ ନେଇ କିଛି ବି ସମସ୍ୟା ଉପୁଜିପାରେ । ତାରିକ୍ ରେହମାନ ଜଣେ ବ୍ରିଟେନ୍ ଫେରନ୍ତା ଶିକ୍ଷିତ ନିର୍ବାସିତ ରାଜନେତା । ଏଣୁ ଆଗକୁ ଭାରତ-ବାଂଲା ସମ୍ପର୍କରେ କିଛିଟା ସୁଧାର ଆସିପାରେ ।

## ସାହସୀ ଯୁବକ

ମୋଘଲ୍ ସମ୍ରାଟ୍ ଆକବରଙ୍କ ରାଜଦରବାରରେ ଦୁଇ ଭାଇ ଥରେ ଆସି ପହଞ୍ଚିଗଲେ ରାଜ ଦରବାରରେ । ସେମାନେ ଆସିଥିଲେ ଚାକିରି ପାଇଁ ଆକବରଙ୍କ ପାଖକୁ । ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର । ଇତିହାସର ତିନି ପ୍ରସିଦ୍ଧ ବୀର । ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ । ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ । ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ । ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା । ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା । ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ । ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏ କ'ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ । ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ । ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର । ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ । ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ । କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ । ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ । ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା । ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ । ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ । ତେବେ ରାଜପୁତ ମାନେ ନିଜେ ହିଁ ସାହସର ପ୍ରତୀକ ।

# 'ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆଶୀର୍ବାଦର ମହତ୍ତ୍ୱ'

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସର୍ବଦା ଡାହାଣ ହାତରେ କାହିଁକି ଆଶୀର୍ବାଦ ଦିଆଯାଏ କାରଣ ସୂର୍ଯ୍ୟ ଏବଂ ଶରୀରର ଶକ୍ତି ସହିତ ଜଡିତ । ଭାରତୀୟ ପରମ୍ପରାରେ, ଡାହାଣ ହାତରେ ଆଶୀର୍ବାଦ ଦେବାର ଅଭ୍ୟାସ ଜ୍ୟୋତିଷ, ଯୋଗ ଏବଂ ମନସ୍ତତ୍ତ୍ୱ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ । ଏହା ପିଢ଼ି ପିଢ଼ି ଧରି ସମାଜରେ ଏକ ପ୍ରାକୃତିକ ଅଭ୍ୟାସ ହୋଇଆସିଛି, ଯାହା ସକାରାତ୍ମକ ଶକ୍ତି, ଆତ୍ମବିଶ୍ୱାସ ଏବଂ ସମ୍ମାନର ପ୍ରତୀକ । ଯେତେବେଳେ ଜଣେ ବୟସ୍କ ବ୍ୟକ୍ତି ଆମ ମୁଣ୍ଡରେ ହାତ ରଖି କୁହନ୍ତି 'ଖୁସି ରୁହନ୍ତୁ' କିମ୍ବା 'ସର୍ବଦା ସଫଳ ହୁଅନ୍ତୁ', ସେତେବେଳେ ଆମେ ସେହି ମୁହୂର୍ତ୍ତରେ ଏକ ଅଦ୍ଭୁତ ଉଷ୍ମତା ଅନୁଭବ କରୁ । ଏହା କେବଳ ଶବ୍ଦର ପ୍ରଭାବ ନୁହେଁ, ବରଂ ସ୍ପର୍ଶର ଶକ୍ତି ଯାହା ଆମେ ପିଲାଦିନରୁ ଅନୁଭବ କରିଆସୁଛୁ । ଆଶ୍ଚର୍ଯ୍ୟର କଥା, ଆଶୀର୍ବାଦ କରିବାର ସମାନ ପଦ୍ଧତି ପ୍ରାୟ ପ୍ରତ୍ୟେକ ସଂସ୍କୃତି ଏବଂ ପ୍ରତ୍ୟେକ ଘରେ ଦେଖାଯାଏ – ଡାହାଣ ହାତରେ । ଆପଣ କେବେ ଭାବିଛନ୍ତି କାହିଁକି ? ଏହା କେବଳ ଏକ ପରମ୍ପରା, ନା ଏହା ପଛରେ ଏକ ଗଭୀର ଅର୍ଥ ଏବଂ ଯୁକ୍ତି ଅଛି ? ପ୍ରକୃତରେ, ଭାରତୀୟ ବିଶ୍ୱାସରେ, ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରାକୁ ଜ୍ୟୋତିଷ, ଯୋଗ ଏବଂ ବ୍ୟବହାରିକ ବିଜ୍ଞାନ ସହିତ ଜଡିତ ବୋଲି କୁହାଯାଏ । ଏହି କାରଣରୁ ଏହି ଅଭ୍ୟାସ ପିଢ଼ି ପରେ ପିଢ଼ି ଚାଲିଆସିଛି ଏବଂ ଆଜି ମଧ୍ୟ ପ୍ରାକୃତିକ ମନେହୁଏ ।

ଭାରତୀୟ ଜ୍ୟୋତିଷରେ, ଶରୀର ମଧ୍ୟ ଗ୍ରହ ସହିତ ଜଡିତ । ଏହା ବିଶ୍ୱାସ କରାଯାଏ ଯେ ଶରୀରର ଡାହାଣ ପାର୍ଶ୍ୱ ସୂର୍ଯ୍ୟ ଦ୍ୱାରା ପ୍ରଭାବିତ । ସୂର୍ଯ୍ୟଙ୍କୁ ଶକ୍ତି, ଆତ୍ମବିଶ୍ୱାସ ଏବଂ ଜୀବନଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ । ତେଣୁ, ଡାହାଣ ପାର୍ଶ୍ୱ କାର୍ଯ୍ୟକଳାପ, ନେତୃତ୍ୱ ଏବଂ ସକାରାତ୍ମକ ପ୍ରଭାବ ସହିତ ଜଡିତ । ଯେତେବେଳେ ଜଣେ ବ୍ୟକ୍ତି ଡାହାଣ ହାତରେ ଆଶୀର୍ବାଦ କରନ୍ତି, ସେତେବେଳେ ଏହା ବିଶ୍ୱାସ କରାଯାଏ ଯେ ସେମାନେ ତାଙ୍କ ସୌରଶକ୍ତି ତାଙ୍କ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ପଠାନ୍ତି । ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ କେବଳ ଏକ ଔପଚାରିକତା ନୁହେଁ, ବରଂ ଶୁଭ ଶକ୍ତିର ପ୍ରସାରଣ ଭାବରେ ବିବେଚନା କରାଯାଏ । ଭାରତୀୟ ସଂସ୍କୃତିରେ, ଶୁଭ କାର୍ଯ୍ୟ ପାଇଁ ଡାହାଣ ହାତକୁ ଶୁଭ ବୋଲି ବିବେଚନା କରାଯାଏ । ପୂଜା, ହବନ, ପ୍ରସାଦ ଅର୍ପଣ ଏବଂ ଦାନ – ଏହି ସମସ୍ତ କାର୍ଯ୍ୟକଳାପରେ ଡାହାଣ ହାତ ସାମିଲ ଅଛି । ଏହା ପଛରେ ଏକ ସାଂସ୍କୃତିକ ମନସ୍ତତ୍ତ୍ୱ ଅଛି । ଡାହାଣ ହାତକୁ ସକ୍ରିୟ ଏବଂ ଦାନ ବୋଲି ବିବେଚନା କରାଯାଏ, ଯେତେବେଳେ ବାମ ହାତ ଗ୍ରହଣ କିମ୍ବା ବ୍ୟକ୍ତିଗତ କାର୍ଯ୍ୟ ସହିତ ଜଡିତ । ଧୀର ଗତିରେ, ଏହି ଅଭ୍ୟାସ ଏକ ସାମାଜିକ ସଙ୍କେତ ହୋଇଗଲା । ଏହା ସମ୍ମାନ ଦେଖାଇବା, ହାତ ମିଳାଇବା କିମ୍ବା କିଛି ହସ୍ତାନ୍ତର କରିବା ହେଉ – ଡାହାଣ ହାତ ବ୍ୟବହାର କରିବା ଶିଷ୍ଟାଚାରର ଅଂଶ ହୋଇଗଲା । ଆଶୀର୍ବାଦ ମଧ୍ୟ ଏହି ବର୍ଗରେ ପଡ଼ିଲା । ଏହା ପରମ୍ପରାରେ ସମାନତା ବଜାୟ ରଖିଲା ଏବଂ ସମାଜରେ ସମ୍ମାନ ପ୍ରକାଶ କରିବାର ଏକ ସ୍ଥିର ଉପାୟ ହୋଇଗଲା । ଯୋଗ ଏବଂ ଆଧ୍ୟାତ୍ମିକତା ଶରୀରର ତିନୋଟି ମୁଖ୍ୟ ନାଡ଼ି – ଇଡା, ପିଙ୍ଗଳା ଏବଂ ସୁଷୁମ୍ନାକୁ ବର୍ଣ୍ଣନା କରେ । ଏଥିମଧ୍ୟରୁ, ପିଙ୍ଗଳା ନାଡ଼ିକୁ ଡାହାଣ ପାର୍ଶ୍ୱ ସହିତ ଜଡିତ ବୋଲି ବିବେଚନା କରାଯାଏ । ଏହାକୁ ଶକ୍ତି, ଉଷ୍ମତା ଏବଂ କାର୍ଯ୍ୟକଳାପର ନାଡ଼ି ବୋଲି ବିବେଚନା କରାଯାଏ । ଏହା ବିଶ୍ୱାସ କରାଯାଏ ଯେ ଡାହାଣ ହାତ ଅଧିକ ସକ୍ରିୟ ଜୀବନ ଶକ୍ତି ସହିତ ଜଡିତ । ଯଦି କାହାର ମୁଣ୍ଡକୁ ଡାହାଣ ହାତରେ ଆଶୀର୍ବାଦ କରାଯାଏ, ତେବେ ଏହାକୁ ଶକ୍ତି ସଂଚାରର ଏକ ପ୍ରକ୍ରିୟା ଭାବରେ ଦେଖାଯାଏ । ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ ଲୋକଙ୍କୁ ମାନସିକ ଭାବରେ ଆଶ୍ୱସ୍ତ ଏବଂ ଭାବପ୍ରବଣ ଭାବରେ ସୁରକ୍ଷିତ ଅନୁଭବ କରାଏ ।

ଆଧୁନିକ ବିଜ୍ଞାନ ଏହି ପରମ୍ପରାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରେ । ଶରୀରର ଡାହାଣ ପାର୍ଶ୍ୱ ମସ୍ତିଷ୍କର ବାମ ପାର୍ଶ୍ୱ ଦ୍ୱାରା ନିୟନ୍ତ୍ରିତ ହୁଏ, ଏବଂ ବାମ ପାର୍ଶ୍ୱ ତର୍କ, ଭାଷା ଏବଂ ନିଷ୍ପତ୍ତି ଗ୍ରହଣ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ । ଅଧିକାଂଶ ଲୋକ ଡାହାଣ ହାତିଆ, ତେଣୁ ଏହି ହାତ ଅଧିକ ନିୟନ୍ତ୍ରିତ ଏବଂ ସଠିକ୍ । ମନୋବିଜ୍ଞାନ ପରାମର୍ଶ ଦିଏ ଯେ ଯେତେବେଳେ ଜଣେ ବ୍ୟକ୍ତି ନିଜ ପ୍ରଭାବଶାଳୀ ହାତ ସହିତ ସ୍ପର୍ଶ କରନ୍ତି, ସେମାନେ ସ୍ୱାଭାବିକ ଭାବରେ ଆତ୍ମବିଶ୍ୱାସ ଏବଂ ନିୟନ୍ତ୍ରଣର ଭାବନା ଅନୁଭବ କରନ୍ତି । ଏହି ସଙ୍କେତ ଅନ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଏବଂ ବିଶ୍ୱାସର ଭାବନା ପ୍ରଦାନ କରେ । ଏହି କାରଣରୁ ଡାହାଣ ହାତରେ ଦିଆଯାଇଥିବା ଆଶୀର୍ବାଦ ଅଧିକ ଶକ୍ତିଶାଳୀ ଅନୁଭବ ହୁଏ । ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଘରେ ପିଲାମାନେ ମଧ୍ୟ ବଡ଼ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିବା ସମୟରେ ଅଚେତନ ଭାବରେ ଡାହାଣକୁ ମୁଣ୍ଡ ନୁଆଁଇଥାନ୍ତି, ଯାହା ସଠିକ୍ ହାତ ସ୍ଥାପନ ସୁନିଶ୍ଚିତ କରିଥାଏ । ଏହି ଅଭ୍ୟାସ ବିବାହ, ପର୍ବ ଏବଂ ଧାର୍ମିକ ସମାରୋହ ସମୟରେ ମଧ୍ୟ ଅନୁସରଣ କରାଯାଏ । ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଏହା କେବଳ ଏକ ଧାର୍ମିକ ନିୟମ ନୁହେଁ, ବରଂ ଏକ ସାମାଜିକ ଅଭ୍ୟାସ ହୋଇଗଲାଣି । ଯେତେବେଳେ ଆମେ ପିଲାଦିନରୁ ସମାନ ପଦ୍ଧତି ପାଳନ କରୁ, ଏହା ସ୍ୱାଭାବିକ ମନେହୁଏ । ଧୀରେ ଧୀରେ, ଏହି ପରମ୍ପରା ଆମର ପରିଚୟର ଏକ ଅଂଶ ହୋଇଯାଏ । ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରା କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ । ଏହା ଜ୍ୟୋତିଷ ଶାସ୍ତ୍ରର ପ୍ରତୀକ, ଯୋଗର ଶକ୍ତି ଧାରଣା ଏବଂ ବିଜ୍ଞାନର ବ୍ୟବହାରିକ ତର୍କକୁ ମିଶ୍ରଣ କରିଥାଏ । ଏହି କାରଣରୁ ଏହି ଅଭ୍ୟାସ ଆଜି ମଧ୍ୟ ସେହିପରି ପ୍ରାଣବନ୍ତ ରହିଛି । ଯେତେବେଳେ ଜଣେ ବୃଦ୍ଧ ତାଙ୍କର ଡାହାଣ ହାତ ମୁଣ୍ଡ ଉପରେ ରଖନ୍ତି, ସେ କେବଳ ଏକ ପୂଜାର୍ଚ୍ଚନା କରନ୍ତି ନାହିଁ – ସେ ପିଢ଼ି ପରେ ପିଢ଼ି ଧରି ଆସୁଥିବା ବିଶ୍ୱାସର ଏକ ପରମ୍ପରାକୁ ଆଗକୁ ବଢ଼ାନ୍ତି ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୯୯୩୮୯୦୬୦୭୦

# ସତ୍ୟବାଦୀର ଶେଷସଖା ଆଚାର୍ଯ୍ୟ ହରିହର

ଅକ୍ଷୟ କୁମାର ରାଉତ



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ୍.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ ।

ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋକ୍ଳ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖଦାୟକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର ।୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ ନଂ -
୯୯୩୭୬୯୧୪୭୫

ପ୍ରତିଶବ୍ଦ TV
ଭୁବନେଶ୍ୱର, ୧୩ ମେ' ୨୦୨୬

# ଫୋକସ ପ୍ଲସ ଟିଭି ପରଦାରେ ଲୋକପ୍ରିୟ



**କୋଟପାଡ଼ :** ମେ ୧୦ ରବିବାର ଦିନ ଭୁବନେଶ୍ୱର ମୟ ଫେର ଠାରେ ଫୋକସ ପ୍ଲସର ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନରେ ମୁଖ୍ୟ ଅତିଥି ସାମ୍ବାଦିକ ଶଶୀରଞ୍ଜନ ଯୋଗଦେଇଥିଲା ବେଳେ ସନ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବିଧାୟକ ଅଶୋକ ମହାନ୍ତି, ପ୍ରଦୋଷ ପଟ୍ଟନାୟକ, ସଫିଆ ଫିର୍ଦୋଷ,ମୀମାଂଶୀ ମଲ୍ଲିକ,ଏ ମାନଭି, ପ୍ରଦୀପ ମାଝୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ,ଏହି ଅବସରରେ ଇଂରାଜୀ ପତ୍ରିକା 'ରାଉଣ୍ଡ ଦି କ୍ଲକ' ଉନ୍ମୋଚିତ ହୋଇଥିଲା,ମୁଖ୍ୟ ସମ୍ପାଦକ ଡ଼ଃ ସୁଧାଂଶୁ ଶେଖର ରାଉତ ସାମାଜିକ ଓ ସାମ୍ବାଦିକ ସ୍ତରରେ ଗଣ ମାଧ୍ୟମର ଭୂମିକା ଏବଂ ପରିବର୍ତ୍ତନ ଆଣିବାରେ ସମ୍ବାଦ, ବିଭିନ୍ନ ଗଣମାଧ୍ୟମ ପତ୍ର ଗ୍ରହଣ କରୁଥିବା ପ୍ରମୁଖ ଭୂମିକା ଉପରେ ନିଜ ଭାଷଣରେ ଆଲୋକପାତ କରିଥିଲେ,କାର୍ଯ୍ୟକ୍ରମ ପରିଶେଷରେ ବିଭିନ୍ନ ସାଂସ୍କୃତିକ ଓ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ସହିତ ପରିବେଷଣ କରାଯାଇଥିଲା,ପରିଶେଷରେ ସାମ୍ବାଦିକତାରେ ପ୍ରତିଷ୍ଠିତ ଅର୍ଜନ କରିଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ ଉପସ୍ଥିତ ଅତିଥି ମାନଙ୍କ କରକମଳରେ ପ୍ରଦାନ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ଓଡିଶାର କଣ ଅନୁକଣରୁ ଫୋକସ ପ୍ଲସ ଟିଭି ଚେନେଲର ସାମ୍ବାଦିକ ବନ୍ଧୁଗଣ ମାନେ ଉପସ୍ଥିତ ଥିଲେ, ସେହିପରି କୋଟପାଡ଼, କୋରାପୁଟ ଜୟପୁର, ନବରଙ୍ଗପୁରର ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା।

## ରାମଚନ୍ଦ୍ରପୁରରେ ଟ୍ରେନ ରହଣୀ ଦାବି

# ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦେଲା ରେଳଯାତ୍ରୀ ସଂଘ

■ କଳାହାଣ୍ଡିର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଆଲୋଚନା



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ରୋଡ଼ରୁ ଭବାନୀପାଟଣା ଦେଇ ଜୁନାଗଡ଼ ପର୍ଯ୍ୟନ୍ତ ରେଳ ସଂଯୋଗକୁ ଇତିମଧ୍ୟରେ ଦଶବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ ଏହି ରେଳପଥର ସମସ୍ୟା ଦୂର ହେଉନାହିଁ। ଏପରିକି ଯେଉଁ ରେଳ ଚଳାଚଳକୁ ନେଇ ଜିଲ୍ଲାବାସୀ ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ ରେଳ ବିଭାଗର ଅମନଯୋଗିତା ଯୋଗୁଁ ସେଇ ଲୋକଙ୍କ ଉତ୍ସାହ ଧିରେ ଧିରେ ମରିଯିବାକୁ ବସିଲାଣି। କାରଣ ଏହି ରେଳପଥ ଦେଇ ସିଧାସଳଖ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଜୁନାଗଡ଼-ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ ଏବେ କେବଳ ଜୁନାଗଡ଼, ଭବାନୀପାଟଣା ଓ ଲାଞ୍ଜିଗଡ଼ ରୋଡ଼କୁ ବାଦ ଦେଲେ ଆଉ କେଉଁଠି ରହଣୀ କରୁନାହିଁ। ସେଥିମଧ୍ୟରୁ ଜିଲ୍ଲାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାସେଞ୍ଜର ହଲଟ କୁହାଯାଉଥିବା ରାମଚନ୍ଦ୍ରପୁରଠାରେ କୋଭିଡ ସମୟରୁ ଏହାର ରହଣୀ ବନ୍ଦ କରିଦିଆଯାଇଥିବାରୁ ଲାଞ୍ଜିଗଡ଼, ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ସମେତ ସଦର ବ୍ଲକର ଲକ୍ଷାଧିକ ଲୋକେ ପ୍ରଭାବିତ ହୋଇଛନ୍ତି। ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ଏହି ଏକ୍ସପ୍ରେସ ଟ୍ରେନ ରହଣୀ ବାଦ ପଡ଼ିବା ପରେ ଲୋକେ ଟ୍ରେନ ଯାତ୍ରା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଧିରେ ଧିରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଅଞ୍ଚଳରେ ଏକ ଆନ୍ଦୋଳନାତ୍ମକ ପରିସ୍ଥିତି ଦେଖିବାକୁ ମିଳିଛି। ଏପରିକି ଅଞ୍ଚଳର ଲୋକେ ସବୁଆଡୁ ନିରାଶ ହେବାପରେ ଆଜି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେହିପରି ଜନସଂଖ୍ୟା ଦୃଷ୍ଟିରୁ ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା ଓ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟ ତରଫରୁ କିଶୋର କୁମାର ପୁରୋହିତ, ସୁଶୀଲ କୁମାର ବାଗ, ପ୍ରଭାତ ରଞ୍ଜନ ବେହେରା, ସୁରେନ୍ଦ୍ର ମାଝୀ, ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। କଳାହାଣ୍ଡି ରେଳଯାତ୍ରୀ ସଙ୍ଘର ଅଧକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଯାଇଥିବାବେଳେ କେସିଙ୍ଗା ୟୁନିଟର ସଭାପତି ବଣ୍ଟି ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ। ସେହିପରି ଏହି ପ୍ରତିନିଧି ଦଳ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରୁ ରାମଚନ୍ଦ୍ରପୁର ଭଳି ଦେପୁର, କୁଟୁଖମାର ପାସେଞ୍ଜର ହଲଟରେ ଟ୍ରେନ ରହଣୀ, ଭବାନୀପାଟଣା ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, କେସିଙ୍ଗା ଦେଇ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ ଚଳାଚଳ, କେସିଙ୍ଗା ଷ୍ଟେସନର ଉନ୍ନତିକରଣ ଆଦି ବିଭିନ୍ନ ଦାବି ସମ୍ପର୍କରେ ଅଧକ୍ଷ ଡ. ନିଆଲ ମଣ୍ଡଳ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବିପତ୍ର ଗ୍ରହଣ ପରେ ସେସବୁର ଯଥାର୍ଥତା ରହିଛି ବୋଲି ସ୍ୱୀକାର କରିବା ସହିତ ସେସବୁର ସମାଧାନ ପାଇଁ ରେଳ ବିଭାଗ ଯତ୍ନବାନ ହେବ ବୋଲି ପ୍ରକାଶ କରିଥିଲେ। ଏହାପରେ ପ୍ରତିନିଧି ଦଳ ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଗାରିମା ତିୱାରୀଙ୍କୁ ସାକ୍ଷାତ କରି ରାମଚନ୍ଦ୍ରପୁରରେ ଜୁନାଗଡ଼-ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ ଓ ରାୟପୁର-ଜୁନାଗଡ଼-ରାୟପୁର ପାସେଞ୍ଜର ଟ୍ରେନ ରହଣୀ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ଅପରପକ୍ଷରେ ଏହି ପ୍ରତିନିଧି ଦଳ ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ପ୍ରକାଶ ଥାଉକି, ଜିଲ୍ଲାବାସୀଙ୍କ ଏହି ଦାବିକୁ ନେଇ ରାଜ୍ୟସଭା ସାଂସଦ ସୁଜିତ କୁମାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଥିବାବେଳେ ଲୋକସଭା ସାଂସଦ ମାଳବିକା ଦେବୀ ମଧ୍ୟ ସକରାତ୍ମକ ପଦକ୍ଷେପ ନେଇଥିବା ଜଣାପଡିଛି।

## ୩୦ ଫୁଟ ତଳକୁ ଖସିଲା ବାଇକ୍ ଜଣେ ମୃତ, ଜଣେ ଗୁରୁତର

**ବୌଦ୍ଧ :** ବୌଦ୍ଧ-ଧଳପୁର ଜଗନ୍ନାଥ ରାସ୍ତାର ପ୍ରଗଳପୁର ନିକଟରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବାଇକ୍‌ଟି ପ୍ରାୟ ୩୦ ଫୁଟ ତଳକୁ ଖସି ପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ଶାମ୍ପୁଚ ଗ୍ରାମର ମୁନା ସାହୁ (୪୫)। ଗୁରୁତର ଆହତ କୃପା ସ୍ୱାଇଁଙ୍କୁ ତୁରନ୍ତ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଉଭୟ ବ୍ୟକ୍ତି ବାଇକ୍ ଯୋଗେ ନିଜ ଗାଁ ଶାମ୍ପୁଚକୁ ଫେରୁଥିବା ବେଳେ ପ୍ରଗଳପୁର ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରୁ ପ୍ରାୟ ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ମୁନା ସାହୁଙ୍କ ମୃତ୍ୟୁ ଘଟିଥିବା



ବେଳେ କୃପା ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଚାରିଛକ ବଜାର ମଝିରୁ ସୂଚନା ଫଳକ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବୌଦ୍ଧ :** ବୌଦ୍ଧ ଜିଲ୍ଲା ଚାରିଛକ ବଜାର ମଧ୍ୟଭାଗରେ ରହିଛି ଏକ ଏନ ଏଚ ସୂଚନା ଫଳକ ଯାହା ଅଞ୍ଚଳର ରଥଯାତ୍ରା ବେଳେ ରଥ ଟଣା ବେଳେ ବାଧା ସୃଷ୍ଟି କରୁଥିବାରୁ ଏହାକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଚାରିଛକ ମା ଦୁର୍ଗା ବଣିକ ସଂଘ ଓ ରଥଯାତ୍ରା କମିଟି ପକ୍ଷରୁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଙ୍କୁ ଆଜି ସର୍ବସାଧାରଣ ଜନ ଶୁଣାଣି ରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜାତୀୟ ରାଜପଥ ଏନଏଚ -୫୭ ଉପରେ ଅବସ୍ଥିତ ଚାରିଛକ ବଜାରର ଠିକ୍ ମଝିରେ NH ବିଭାଗର ଏକ ନାମଫଳକ ରହିଛି। ଯାହା ରଥଯାତ୍ରାରେ ରଥ ଟାଣିବା ସମୟରେ ରଥ ଉପରିଭାଗ ସୂଚନାଫଳକ ରେ ଲାଗି ଯାଉଛି । ଯାହାଫଳ ରେ ମହାପ୍ରଭୁ ଗୁଣ୍ଡିଚାମନ୍ଦିର ରେ ବିଜେ କରିବା ପାଇଁ ପ୍ରତିବନ୍ଧକ ର ସମ୍ମୁଖୀନ ହେଉଛନ୍ତି । ତେଣୁ ଆଜି ନନ୍ଦିଘୋଷ ରଥ ମହୋତ୍ସବ କମିଟି ଏବଂ ଜୟ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ସମୂହ ଭାବେ ଏହି ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ରଥଯାତ୍ରା ପୂର୍ବରୁ ଘଏ ସୂଚନା ଫଳକଟିକୁ ବଜାର ମଝିରୁ ହଟାଇ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଜିଲ୍ଲାପାଳ ଖୁବଶୀଘ୍ର ଏହାର ସମାଧାନ କରାଯିବ । ସହର ବାହାର କୁ ସୂଚନାଫଳକ କୁ ସ୍ଥାନାନ୍ତର କରିବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି ।ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଦିଲ୍ଲିପ କୁମାର ପ୍ରଧାନ, ବମଦେବ ଦାଶ, ଦିଲ୍ଲିପ ସାହୁ , ସମୀର ନାୟକ ,ଶୁଭଶ୍ରୀ ପାତ୍ର, ଶରତ କହଁର ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ରଥଯାତ୍ରା ସମୟରେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ବିଜେ କରିବା ପାଇଁ ଅନେକ ସମସ୍ୟା ଉପୁଜିବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

# ବିଶ୍ୱ ମାତୃ ଦିବସ ଅବସରରେ ବସ୍ତିର ମା'ଙ୍କୁ ସମ୍ମାନ



**ବାଲେଶ୍ୱର :** ପବିତ୍ର ବିଶ୍ୱ ମାତୃ ଦିବସ ଅବସରରେ କଂଗ୍ରେସ ଯୁବନେତା ସରୋଜ କୁମାର ଲେଙ୍କାଙ୍କ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲେଶ୍ୱର ସହରର ୯ ଓ ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ବସ୍ତି ଅଞ୍ଚଳକୁ ଯାଇ ସେଠାରେ ଥିବା ମା'ମାନଙ୍କୁ ଏକତ୍ରିତ କରାଯାଇ ଦୁନିଆ ଆଗକୁ ବଢ଼ିବାରେ ମା'ମାନଙ୍କର ଅବଦାନ ଓ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶ୍ରୀ ଲେଙ୍କା କହିଥିଲେ ଯେ, ପରିବାର ଠାରୁ ସମାଜ ଗଠନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମା'ଙ୍କ ଅବଦାନ ଅତୁଳନୀୟ। ମା'ଙ୍କ ସମ୍ମାନ ଓ ସେବା ହେଉଛି ସମାଜର ପ୍ରକୃତ ସଂସ୍କୃତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଜିଲ୍ଲା ଟାଉନ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, ଅଭିଲିପ୍ସା ମହାନ୍ତି, ସାଇବା ଅକତାର, ବିନତୀ ବାରିକ, ସୁଶାନ୍ତ ଦାସ, ଦିବାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସମସ୍ତ ଉପସ୍ଥିତ ମା'ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଚିକିଟୀ :** ଚିକିଟୀ ବ୍ଲକ ନୂଆପଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଚିକିଟୀ ବିଡ଼ିଓ ବିବେକାନନ୍ଦ ମିଶ୍ର, ଏବିଡ଼ିଓ ଚକ୍ରଧର ପ୍ରଧାନ, ସିଡିପିଓ ବି ମଣିମାଳା, ସ୍ଥାନୀୟ ସରପଞ୍ଚ ବି ସନମୁଖ ରାଓ, ବିପିସି ରାମକୃଷ୍ଣ ବେହେରା, ଜେଇ କାଳୀ ପ୍ରସାଦ ପ୍ରଧାନ, ସହଦେ୍ୱ ମଢେଇ ପ୍ରମୁଖ ଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିର ରେ ଭତ୍ତା,ରାସନ, ଆବାସ ଘରପଟା ଆଦି ସମସ୍ୟା ନେଇ ୧୦ ଗୋଟି ଅଭିଯୋଗ ହୋଇଥିବା ବେଳେ ତ୍ୱରିତ ସମାଧାନ ଲାଗି ବିଡ଼ିଓ ଶ୍ରୀ ମିଶ୍ର ବିଜଣ ଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରାଜସ୍ୱ ବିଭାଗ ପକ୍ଷରୁ ୧୧ ଗୋଟି ଗ୍ରାମକଣ୍ଠକ ପଟା ହିତାଧିକାରୀ ଙ୍କୁ ବଣ୍ଟନ କରାଯାଇଥିଲା। ଏହି ଶିବିର ରେ ସ୍ଥାନୀୟ ପିଇଓ ଙ୍କ ସମେତ ବ୍ଲକ ଓ ତହସିଲ ର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଜଳ ନିଷ୍କାସନ ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ

**ବାଲେଶ୍ୱର :** ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ପୂର୍ବ ପ୍ରତିଶୃତି ଅନୁଯାୟୀ ନିରନ୍ତର ପଦକ୍ଷେପ ନେଉଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରାଂଚଳର ଜନସାଧାରଣଙ୍କ ଆବଶ୍ୟକତା ଓ ଦାବିକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଏବଂ ପୂର୍ଣ୍ଣାଙ୍ଗ ପ୍ରକଳ୍ପର ଉଦଘାଟନ କରୁଛନ୍ତି ସଦର ବିଧାୟକ ଶ୍ରୀ ଦତ୍ତ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରାଂଚଳର ୧ନଂ ୱାର୍ଡ ଅନ୍ତର୍ଗତ ପୁରୁଣା ବାଲେଶ୍ୱରର ଶୀତଳା ମନ୍ଦିର ଅଂଚଳରେ ଉଦବୃତ ଜଳ ନିଷ୍କାସନ ସମସ୍ୟାର ନିରାକରଣ ନେଇ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଆଶା ଓ ଆକାଂକ୍ଷା ପୂରଣ ହେବାକୁ ଯାଉଛି । ଶୀତଳା ମନ୍ଦିର ଠାରୁ ସ୍ଥାନୀୟ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ ନାଳ ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଶ୍ରୀ ଦତ୍ତ ।୩୦୦ମିଟର ଲମ୍ବର କଂକ୍ରିଟ ନାଳ ନିର୍ମାଣ ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ୭୫ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି । ସମ୍ପ୍ରତି ରାଜ୍ୟର ଲୋକପ୍ରିୟ ସରକାର ସହରଗୁଡିକର ଉନ୍ନତି ପାଇଁ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଅନୁଦାନ ପ୍ରଦାନ କରୁଛନ୍ତି । ଏହି ସୁତ୍ରରେ ବାଲେଶ୍ୱର ସହରର ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୌରାଧକ୍ଷା ସବିତା ସାହୁ ଏଥିରେ ପୌରହିତ୍ୱ କରିବା ସହିତ ବାଲେଶ୍ୱର ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସହିତ କାର୍ଯ୍ୟକାରୀ ହେବାକୁ ଥିବା ନାଳ କାର୍ଯ୍ୟର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧ନଂ ୱାର୍ଡ କାଉନସିଲର ସୁସ୍ମିତା ନାଥ ଉପସ୍ଥିତ ରହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଧାୟକ ଓ ପୌରାଧକ୍ଷାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ପୌରନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ ଓ ପୌରଯନ୍ତ୍ରୀ ସୀମାଂଚଳ ମିଶ୍ରଙ୍କ ସହ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଭାଗବତ ସାହୁ, ଉପେନ୍ଦ୍ର ଶତପଥୀ, ଅନନ୍ତ ନାୟକ, କାର୍ତ୍ତିକ ନାଥ, ସୁକାନ୍ତ ଖଟୁଆ, ଦିଲୀପ ମାଝୀ, ବିଶ୍ୱଜିତ ଖଟୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



# ଉଦ୍‌ଘାଟିତ ହେଲା ଷୋଡ଼ଶ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ

**ବାଲେଶ୍ୱର :** ଓଡ଼ିଶାର ପ୍ରମୁଖ ଗଣପର୍ବ ଭାବରେ ପ୍ରସିଦ୍ଧ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଆଜି ବାଲେଶ୍ୱର ସହରର ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ଆପଣାର ଉଦ୍ଘାଟନୀ ଉଦବୋଧନରେ ଶ୍ରୀଯୁକ୍ତ ଦାସ କହିଲେ ଯେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଉତ୍କଳୀୟ ଲୋକ କଳା ଉତ୍ସବର ଅନନ୍ୟ ନିଦର୍ଶନ । ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଆଜି ଯେମିତି ଏକ ସୁନ୍ଦର ଗଣପର୍ବର ପରମ୍ପରା ସୃଷ୍ଟି କରିଛି ତାହା ଓଡିଶା ସରକାରଙ୍କୁ ଅଭିଭୂତ କରିଛି । ସରକାରଙ୍କ ତରଫରୁ ଏହି ମହାନ ପର୍ବ ଆଗକୁ କେମିତି ଆହୁରି ଗୌରବମୟ ଭାବେ ପାଳିତ ହେବ ସେ ଦିଗରେ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ । ମୁଖ୍ୟ ବକ୍ତାଭାବରେ ଯୋଗ ଦେଇ ବିଶିଷ୍ଟ ଆଲୋଚକ- ଗବେଷକ ଓ ସାହିତ୍ୟିକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ଶତପଥୀ କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କ ପୁଣ୍ୟ ମାଟି ଯେଉଁମାଟି ଦିନେ ଓଡ଼ିଆ ଲୋକ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚେଇ ରଖିବାପାଇଁ ଯେଉଁ



ଆପ୍ରାଣ ଉଦ୍ୟମ କରିଥିଲା ତାର ଫଳ ସ୍ୱରୂପ ଆମେ ଆଜି ଗର୍ବରେ କହୁଛୁ ଯେ ଆମେ ଓଡ଼ିଆ । ଏ ପବିତ୍ର ମାଟିରେ ପାଦ ଦେଇ ଓ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବରେ ଯୋଗ ଦେଇ ମୁଁ ଆଜି ନିଜକୁ ଧନ୍ୟ ମନେ କରୁଛି । ଏ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଯେ ପ୍ରଖ୍ୟାତ କବି ଡ଼ଃ ବ୍ରଜନାଥ ରଥଙ୍କ ପରି କେତେକ ବିଶିଷ୍ଟ ପ୍ରତିଭାଙ୍କର ମାନସ ସନ୍ତାନ ଥିଲା ଏହା ଜାଣି ମୋତେ ଅପୂର୍ବ ଆନନ୍ଦ ସୃଷ୍ଟି ହେଉଛି । କଟକର କାଠଯୋଡ଼ି ପଥରବନ୍ଧ ନିର୍ମାଣର ନାୟକକୁ ବାଲେଶ୍ୱର ଆଜି ଯେଉଁ ସମ୍ମାନ ଦେଇଛି ତାହା ଏ ମାଟିର ମହାନ ହୃଦୟକୁ ଦର୍ଶାଉଛି । ଜଉକଣ୍ଢେଇ ଉତ୍ସ୍ୱ କମିଟିର କାର୍ଯ୍ୟକାରୀ ସଭାପତି ଡ଼ଃ ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମଞ୍ଚ ଆହ୍ୱାନ କରିଥିଲେ ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଗୌରାଙ୍ଗ ପାଣିଗ୍ରାହୀ ଓ ପ୍ରାକକଥା ରଖିଥିଲେ ଶିଳ୍ପୀ କେଶୁ ଦାସ । ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ସମ୍ମାନିତ ଅତିଥିଭାବରେ ଯୋଗ ଦେଇ କହିଲେ ଯେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସ୍ୱ ଆମ ବାଲେଶ୍ୱର ବାସୀଙ୍କ ପାଇଁ ଏକ ଗୌରବର ଉତ୍ସ୍ୱ । ଏହି ଅବସରରେ ଜଉକଣ୍ଢେଇ ବାହାଘର ଉତ୍ସବର ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ ଯାହାକୁ ସମ୍ପାଦନ କରିଥିଲେ ଡ଼ଃ କାଳିକିଙ୍କର ଦାସ । ଡାକ୍ତର କୁମାର ଗୋପାଳ ଜଉକଣ୍ଢେଇ ବାହାଘର ଉତ୍ସ୍ୱ କମିଟିର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ରଘୁନାଥ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଅଭିଭାଷଣରେ ଡ଼ଃ ଉପେନ୍ଦ୍ର ନାଥ ପାତ୍ର ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଆଜି କେମିତି ସମାଜରେ ଭଲପାଇବାର ବାର୍ତ୍ତା ଦେଉଛି ଓ ଲୋକହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛି ତାହା ଉଲ୍ଲେଖ କରିଥିଲେ ତଥା ଶିଳ୍ପୀ କେଶୁଦାସ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଆମ ଐତିହ୍ୟର ଏ ସମୁଜ୍ଜଳ ପରିପ୍ରକାଶ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ମିତାଲି ପ୍ରିୟା ଗିରି ଦଳର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଗୁରୁକୀର୍ତ୍ତି ଓଡିଶୀ ନୃତ୍ୟ ଅନୁଷ୍ଠାନ ଓଡିଶୀ ନୃତ୍ୟ ତଥା ଆଦି ମିଷ୍ଟକଳା ଏକାଡେମୀ ତରଫରୁ ପରିବେଷିତ ଝୁମର ନୃତ୍ୟ ସମସ୍ତଙ୍କ ମନ ମୋହି ନେଇଥିଲା । ଖ୍ରୀଷ୍ଟିଆନ ପଡ଼ିଆରେ ଆଜି ଶତାଧିକ ହସ୍ତକଳା ଓ ଅନ୍ୟାନ୍ୟ ଷ୍ଟଲ ଲାଗିଛି ଯାହା ଲୋକଙ୍କୁ ଆକର୍ଷିତ କରୁଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**କୋରାପୁଟ :** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଦୁଇ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଗତ ୧୦ ତାରିଖ ଦିନ ବ୍ରାହ୍ମଣଦେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବା ନିବୃତ୍ତି ପାଇଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବାଞ୍ଛାନିଧି ହରିଜନ ଓ ଶ୍ରୀ ଖଗେଶ୍ୱର ଗୋଲରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି ।ଏହି ଅବସରରେ ଦୁଇ ଜଣ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପରେ ଅଗ୍ରପୂଜ୍ୟ ଗଜାନନଙ୍କ ଫୋଟଚିତ୍ରରେ ଧୂପ ଦୀପ ଓ ନୈବେଦ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାପରେ ଉଭୟ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କର୍ମକ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ବକ୍ତବ୍ୟ ମାଧ୍ୟମରେ କୋଟପାଡ଼ ଶିକ୍ଷା ଆକାଶରେ ଉଭୟଙ୍କ ଅବସର ଗ୍ରହଣ ଏକ ଅପୂରଣୀୟ କ୍ଷତି ବୋଲି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଅବଗତ କରିଥିଲେ। ଏହାପରେ ସଂଗଠନ ତରଫରୁ ଉପଢୌକନ, ମାନପତ୍ର, ପୁଷ୍ପମାଲ୍ୟ ଏବଂ ଉପହାର ପ୍ରଦାନ କରି ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ ସଂଘ ସଭାପତି ସନ୍ତୋଷ କୁମାର ଦୁର୍ବେ କରିଥିବାବେଳେ ସଂପାଦକ ଶ୍ରୀ ତୁଳାରାମ ମାଝୀ ମଞ୍ଚାସୀନ ଥିଲେ। ଶିକ୍ଷକ ଶ୍ରୀ ବୈରିଗଞ୍ଜନ ମହାଲିକ ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୀ ସୁକାନ୍ତ ଭତ୍ରା, ବଦ୍ରିନାଥ ନାୟକ, ଲକ୍ଷ୍ମୀ ନାରାୟଣ ମାଝି,ତିର୍ଥବାସୀ ଚୈଧୁରୀ, ପ୍ରହ୍ଲାଦ ନାୟକ, ଡମ୍ବରୁଧର ପୂଜାରୀ, ନବୀନ ଚଲାଣ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟରେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି: ବିଜେଡି



**ବ୍ରହ୍ମପୁର :** ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରିଛି ଗଞ୍ଜାମ ଜିଲ୍ଲା ବିଜେଡ଼ି । ବିରୋଧି ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିବା ବେଳେ ବ୍ରହ୍ମପୁର ରେଭେନ୍ୟୁ ଡ଼ାକବଙ୍ଗଳା ପରିସରରେ ଗଞ୍ଜାମ ଜିଲ୍ଲା ବିଜେଡ଼ି ପକ୍ଷରୁ ମଧ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଯୋଗ ଦେଇ ବରିଷ୍ଠ ବିଜେଡ଼ି ନେତାମାନେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଅପରାଧୀମାନେ ଖୋଲାଖୋଲି ଭାବେ ହତ୍ୟା, ହତ୍ୟା ଉଦ୍ୟମ ଓ ମହିଳାଙ୍କ ଉପରେ ନିର୍ଯାତନା ଭଳି ଘଟଣା ଘଟାଉଥିବା ବେଳେ ସରକାର ଆଇନ୍ ଶୃଙ୍ଖଳା ରକ୍ଷାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏପରିକି ଗଞ୍ଜାମ ଜିଲ୍ଲା ମଧ ଦିନକୁ ଦିନ ଆଇନ୍ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି । ଗତ ଏକ ମାସ ମଧରେ ଜିଲ୍ଲାରେ ୧୦ରୁ ଅଧିକ ଅପରାଧିକ ଘଟଣା ଘଟିଥିବା ବେଳେ ସେଥି ମଧରୁ ୨ଟି ଅପହରଣ ପରେ ହତ୍ୟା ଘଟଣା ଏବଂ ହିଞ୍ଜିଳି ଅଞ୍ଚଳରେ ନିଜ ହକ୍ ପାଇଁ ତିନି ବର୍ଷର ଶିଶୁକୁ ଧରି ବସିଥିବା ଜଣେ ମହିଳାଙ୍କୁ ହତ୍ୟା କରାଯିବା ଘଟଣା ଜିଲ୍ଲାର ଉଦ୍‌ବେଗଜନକ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସ୍ପଷ୍ଟ କରୁଛି । ତେଣୁ ରାଜ୍ୟ ସରକାର ତୁରନ୍ତ ଆଇନ୍ ଶୃଙ୍ଖଳା ସ୍ଥିତି ସୁଧାରିବାକୁ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା । ଯଦି ସରକାର ଏନେଇ ତୁରନ୍ତ ପଦକ୍ଷେପ ନନିଅନ୍ତି ତେବେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତାମାନେ ସଚେତନ କରାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡ଼ି ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ବିଜେଡ଼ି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଦେବାନନ୍ଦ ମହାପାତ୍ର, ବରିଷ୍ଠ ବିଜେଡ଼ି ନେତ୍ରୀ ତଥା ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ବିଜେଡ଼ିର ରାଜ୍ୟ ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ୍ ପରିଷଦ ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାଷ ମହାରଣା, ରାଜ୍ୟ ଯୁବ ବିଜେଡ଼ି ସଭାପତି ପ୍ରଶାନ୍ତ ପଣ୍ଡା, ଏମ୍. ସୁଜାତା ପାତ୍ର, ନଚିକେତା ସ୍ୱାଇଁ, ନିହାର ଶତପଥୀଙ୍କ ସମେତ ବିଜେଡ଼ିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ୧୩୫ କିଲୋ ଗଞ୍ଜେଇ ଜବତ, ୪ ବଙ୍ଗାଳି ମାଫିଆ ଗିରଫ



**ବ୍ରହ୍ମପୁର :** ଅବକାରୀ ଗୁଇନ୍ଦା ବିଭାଗକୁ ମିଳିଛି ଏକ ବଡ଼ ଧରଣର ସଫଳତା । ସ୍ଥାନୀୟ ହିଞ୍ଜିଳି ଥାନା ଅଞ୍ଚଳରୁ ୧୩୫ କିଲୋ ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚାଲାଣ କରୁଥିବା ୨ ଦାମୀ ଗାଡ଼ି ସହ ୪ ବଙ୍ଗାଳି ମାଫିଆ ଏଥିରେ ଧରାପଡ଼ିଛନ୍ତି । ସୂଚନା ଅନୁସାରେ, କନ୍ଧମାଳରୁ ୧୩୫ କିଲୋ ଗଞ୍ଜେଇ ନେଇ ଏକ ଏକ୍ସୟୁଭି (ଡ଼ବ୍ଲୁବି-୫୮-ବିଏକ୍ସ-୧୬୮୬) କୋଲକାତା ଅଭିମୁଖେ ଯାଉଥିଲା । ସକାଳ ୯ ଟା ବେଳେ ଗାଡ଼ିଟି ବ୍ରହ୍ମପୁର ଅତିକ୍ରମ କରିବା ନେଇ ଗୁଇନ୍ଦା ବିଭାଗ ଟିମ୍ ଖବର ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଅବକାରୀ ଗୁଇନ୍ଦା ବିଭାଗ ଡ଼େପୁଟି ସୁପରିଟେଣ୍ଡେଣ୍ଟ୍ ଶ୍ରୁତିକାନ୍ତ ରାଉତ ଏକ ଟିମ୍ ଗଠନ କରି ହିଞ୍ଜିଳିକାଟୁ ଅଞ୍ଚଳକୁ ପଠାଇଥିଲେ । ବ୍ରହ୍ମପୁର ସହର ଛୁଇଁବା ପୂର୍ବରୁ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାକୁ ଟିମ୍ ଛକି ରହିଥିବା ବେଳେ ପୂର୍ବ ସୂଚନା ମୁତାବକ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ଏସକର୍ଟ କରୁଥିବା ଏକ ନେକ୍ସନ୍ କାର୍ (ଡ଼ବ୍ଲ୍ୟୁ-୫୮-ସିବି-୩୨୯୯) କୁ ଅଧିକାରୀ ଅଟକାଇଥିଲେ । ଗାଡ଼ିଟି ଦ୍ରୁତ ଗତିରେ ପଳାଇଯିବାକୁ ଚେଷ୍ଟା କରିବାରୁ ଅବକାରୀ ଗୁଇନ୍ଦା ଟିମ୍ ତାକୁ ପିଛା କରି ସଁପୁର ଛକ ନିକଟରେ ଧରିଥିଲେ । ସେମାନଙ୍କୁ ପଚରାଉଚରା କରିବା ପରେ ଗଞ୍ଜେଇ ଭର୍ତ୍ତି ଗାଡ଼ି ଖସି ଯାଇଥିବା ଜଣାପଡ଼ିଥିଲା । ତେବେ ଏହି ନେକ୍ସନ୍ ଗାଡ଼ିରେ ୩ଜଣ ଥିଲା ବେଳେ ସଜଳ ସରକାର (୨୭) କୁ ଗତ ଅଗଷ୍ଟ ମାସରେ ଅବକାରୀ ଗୁଇନ୍ଦା ଟିମ୍ ଗିରଫ କରିଥିଲା । ସେ ୧୫ ଦିନ ତଳେ ଜାମିନ୍‌ରେ ଆସିଥିବା ଜଣାପଡ଼ିଛି । ସଜଳକୁ ପଚରାଉଚରା କରିବା ପରେ ସେ ଗଞ୍ଜେଇ ଗାଡ଼ିର ଠିକଣା ଦେଇଥିଲା । ଅଧିକାରୀମାନେ ପିଛା କରି ଗଞ୍ଜେଇ ଗାଡ଼ିକୁ ବି ଧରିଥିଲେ । ସେଥିରୁ ୧୩୫ କିଲୋ ଗଞ୍ଜେଇ ବସ୍ତାରେ ରଖାଯାଇଥିବା ଦେଖି ଅବକାରୀ ଅଧିକାରୀ ତାହାକୁ ଜବତ କରିଥିଲେ । ଏହି ମାମଲାରେ ମୋଟ ୫ ଜଣ ବଙ୍ଗାଳି ମାଫିଆ ଗିରଫ ହୋଇଛନ୍ତି । ମାଷ୍ଟରମାଇଣ୍ଡ ସଜଳ ସହ ରାଜେଶ ସରକାର (୨୧), ସୈଫ୍ ମହମ୍ମଦ ସୟଦ (୩୫) ଓ ଆସିଫ୍ ଇକବାଲ୍ (୩୨)କୁ କୋର୍ଟ ଚାଲାଣ କରାଯାଇଛି । ଏମାନେ କନ୍ଧମାଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗରେ ବିକ୍ରି କରିଥାନ୍ତେ । ମୁର୍ସିଦାବାଦ୍ ଅଞ୍ଚଳରେ ଚାଲିଥିବା ବଡ଼ ଧରଣର ଗଞ୍ଜେଇ କାରବାରରେ ଏମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ୧୩୫ କିଲୋ ଗଞ୍ଜେଇ ସହ ୨ଟି ଦାମୀ କାର ଓ ୭ଟି ମୋବାଇଲ୍ ଜବତ କରାଯାଇଛି । ସେହି ମୋବାଇଲ୍ ?ରୁ ଗଞ୍ଜେଇ କାରବାର ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସଜଳ ଓ ରାଜେଶ ଓଡ଼ିଶାରୁ ନିୟମିତ ଗଞ୍ଜେଇ ଚୋରା କାରବାରରେ ସମ୍ପୃକ୍ତ ଥିବା ଅବକାରୀ ଗୁଇନ୍ଦାକୁ ତଦନ୍ତ ବେଳେ ଜଣାପଡ଼ିଛି । ତେଣୁ ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରାଯାଇପାରେ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି ।

## ଗୋଡ଼େଇ ଗୋଡ଼େଇ ଖଣ୍ଡାରେ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଅଟକ



**ବ୍ରହ୍ମପୁର :** ସଦର ଥାନା ଅନ୍ତର୍ଗତ ବେନ୍ଦାଳିଆ ଗ୍ରାମରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ମଙ୍ଗଳବାର ଖଣ୍ଡାରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଗୁରୁତର ଅବସ୍ଥାରେ ଯୁବକ ପିଣ୍ଟୁ ସେଠୀଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ପିଣ୍ଟୁଙ୍କ ମୁଣ୍ଡରେ ଗଭୀର ଆଘାତ ଓ ହାତରେ ମଧ ଆଘାତ ଲାଗିଥିବା ଜଣାପଡ଼ିଛି । ଏହି ମାମଲାରେ ଶିବ ଶଙ୍କର ସାହୁ ଓରଫ୍ ବାଲୁ ନାମକ ଜନୈକ ବ୍ୟକ୍ତି ଓ ଅନ୍ୟ ୩ ଜଣ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଏବଂ ସଦର ଏସ୍‌ଡ଼ିପିଓ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଥିବା ସୂଚନା ମିଳିଛି ।

# ୧୪-୧୫ ବର୍ଷ ଝିଅମାନେ ଏଚ୍‌ପିଭି ଟୀକାକରଣ କରିବାପାଇଁ କମିଶନରଙ୍କ ପରାମର୍ଶ

**ବ୍ରହ୍ମପୁର :** ମହାନଗର ନିଗମର ୧୪-୧୫ ବର୍ଷ ବୟସର ଝିଅମାନେ ଏଚ୍‌ପିଭି ଟୀକାକରଣ କରିବାପାଇଁ ନିଗମ କମିଶନର ଏ. ଶସ୍ୟା ରେଡ୍ଡୀ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ହେଉଛି ଆମ ଜୀବନର ବଡ଼ ସମ୍ପଦ । ଜନସ୍ୱାସ୍ଥ୍ୟ ଅଭିଯାନ ପରିପ୍ରେକ୍ଷୀରେ ଏହି ଟୀକାକରଣର ଗୁରୁତ୍ୱ ରହିଥିବା କମିଶନର ଶ୍ରୀମତି ରେଡ୍ଡୀ କହିଛନ୍ତି । ହ୍ୟୁମାନ ପାପିଲୋମା ଭାଇରସ୍ ଏକ ଗୁରୁତର ରୋଗ । ଯାହାଦ୍ୱାରା ଗର୍ଭାଶୟରେ ଗ୍ରୀବା କର୍କଟ ରୋଗ ସୃଷ୍ଟି କରିପାରେ । ତେଣୁ ଉଚିତ୍ ସମୟରେ ଟୀକାକରଣ ମାଧମରେ ଏହି ରୋଗକୁ ସଫଳତାର ସହିତ ପ୍ରତିରୋଧ କରାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି । ସ୍ଥାନୀୟ ଆସିକାରୋଡ୍ ଠାରେ ଥିବା ୟୁପିଏଚ୍‌ସିରେ ପ୍ରତିଦିନ ସକାଳ ୭ ଘଣ୍ଟା ଠାରୁ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ ଏପରି ଟୀକାକରଣର ସୁବିଧା ଉପଲବ୍ଧ ରହିଛି । ସେହିପରି ସିଟି ହସ୍‌ପିଟାଲ୍‌ରେ ମଧ ଏହି ଟୀକାକରଣ କରିପାରିବେ ବୋଲି କମିଶନର ଶ୍ରୀମତି ରେଡ୍ଡୀ କହିଛନ୍ତି ।

# ଅକ୍ଷମ ସାର୍ଟିଫିକେଟ୍‌ରେ ଅନିୟମିତତା ଅଭିଯୋଗ

**ବସ୍ତା :** ବାଲିଆପାଳ ବ୍ଲକର ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ Disability Certificate ସମ୍ପର୍କରେ ଗୁରୁତର ଅନିୟମିତତା ଅଭିଯୋଗ ଆସିଛି । ଅଭିଯୋଗକାରୀଙ୍କ ଦାବି ଅନୁସାରେ, ପୂର୍ବରୁ ଜାରି ହୋଇଥିବା ସର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ଅସକ୍ଷମତାର ପ୍ରତିଶତକୁ ପରବର୍ତ୍ତୀ ନବୀକରଣ ସମୟରେ ଅନୁଚିତ ଭାବେ କମ୍ କରାଯାଇଛି । ଏହି ପରିବର୍ତ୍ତନ ଫଳରେ ସେ ବିଭିନ୍ନ ସରକାରୀ ସୁବିଧା ଓ ଯୋଜନାରୁ ବଞ୍ଚିତ ହେଉଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି Handicapped Certificate ରେ ଦର୍ଶାଯାଇଥିବା Physical Status ମଧ ବାସ୍ତବ ସ୍ଥିତି ସହ ସମ୍ମତ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି । ଏନେଇ ସେ ଜିଲ୍ଲାପାଳ ଙ୍କ ଠାରେ ଲିଖିତ ଅଭିଯୋଗ କରି ସାର୍ଟିଫିକେଟ୍‌ର ପୁନଃ ଯାଞ୍ଚ କରି ସଠିକ୍ ପ୍ରତିଶତ ଓ ସ୍ଥିତି ସହିତ ନୂତନ ସାର୍ଟିଫିକେଟ୍ ଜାରି କରିବାକୁ ଦାବି ଜଣାଇଛନ୍ତି । ଯଦି ଏହି ଅଭିଯୋଗର ଶୀଘ୍ର ସମାଧାନ ହେଉନାହିଁ, ତେବେ ମାମଲାଟିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ନେବେ ବୋଲି ସେ ସତର୍କ କରିଛନ୍ତି । ଏହି ଘଟଣା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣ ଲୋକଙ୍କ ଦାବି କରିଛନ୍ତି । ତେବେ



ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତର ସୃଷ୍ଟିଧର ମଲ୍ଲିକ ଯିଏକି ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ, ଦିବ୍ୟାଙ୍ଗ ଭତ୍ତା ପାଉଥାନ୍ତି । ତେବେ ତାଙ୍କର ଦୁଇଟି ଗୋଡ ଅଚଳ ହୋଇଥିବା ବେଳେ,୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇବାକୁ ଯୋଗ୍ୟ ଥିବାବେଳେ, ତାଙ୍କୁ ୫୫ ପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ ଦିଆଯାଇଛି । ତେବେ ସେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଥାଇ ୩୫୦୦ ଟଙ୍କାର ଭତ୍ତା ପାଇବାର ହକଦାର ଅଟନ୍ତି । ତେବେ ଏକ ଡାକ୍ତରୀ ଟିମ୍ ଦ୍ୱାରା ତାଙ୍କ ଦିବ୍ୟାଙ୍ଗତାର ଫିଜିକାଲ୍ ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କୁ ବେଟେରୀ ଚାଳିତ ଯାନ ଦେବାକୁ ମଧ ଦାବି କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଜଣେ ଅସିପ୍ରତିଶତ ଦିବ୍ୟାଙ୍ଗଙ୍କୁ କେବେ ମିଳୁଛି ନ୍ୟାୟ ।

# ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ଗୌରବ ଆଣିଥିବା ଜୟପୁର ସମ୍ବାଦ ପକ୍ଷରୁ ସମ୍ବର୍ଦ୍ଧନା



**କୋଟପାଡ଼ :** ପ୍ରକାଶ ପାଇଛି HSCର ଦଶମ ଶ୍ରେଣୀ ପରୀକ୍ଷା ଫଳ,ଚଳିତ ବର୍ଷ HSC ଦଶମ ପରୀକ୍ଷାରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବହୁତ ଛାତ୍ର, ଛାତ୍ରୀ ପ୍ରଥମ ନଂ ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବା ବେଳେ କୋଟପାଡ଼ ବ୍ଲକ ଅନ୍ତର୍ଗତ ବତାସନା ପଞ୍ଚାୟତ ଶ୍ରୀକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଭବେଶ ସାହୁ,ସେ ୯୦% ମାର୍କ ରଖି ୬୦୦ ro ୫୪୦ ମାର୍କ ରଖି କୋଟପାଡ଼ ବ୍ଲକର ଦ୍ୱିତୀୟ ଟପର ହୋଇ ଗୌରବ ଆଣିଛନ୍ତି ଭବେଶ ଜଣେ ଉଚ୍ଚ ଶିକ୍ଷିତ ପରିବାରରୁ ବିଲଙ୍ଗ କରୁଥିବା ବେଳେ ବାପାନରସିଂହ ସାହୁ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ହୋଇଥିଲା ଥିବା ବେଳେ ମା ବିନୋଦିନୀ ସାହୁ ଜଣେ ଗୃହିଣୀ,ପରୀକ୍ଷା ଫଳ ବାହାରବା ପରେ ବିଭିନ୍ନ ବୁଦ୍ଧିଜୀବୀ ମୋହଲରୁ ଶିକ୍ଷକ,ଶିକ୍ଷୟତ୍ରୀ ଓ କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଓ ଅଞ୍ଚଳବାସୀଙ୍କ ଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳିଥିବା ବେଳେ ଭବେଶଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିବାର ଦେଖିବାକୁ ମିଳିଥିଲା, ଏହି ପରିପେକ୍ଷୀରେ ଆଜି ଜୟପୁର ଟାଉନ୍ ହଲ୍ ପ୍ରାଙ୍ଗଣରେ ସମ୍ବାଦ ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଟ୍ରିକ ଚାମ୍ପିୟନ୍ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ଏହି ଉତ୍ସବରେ କୋଟପାଡ଼ ବ୍ଲକରୁ ଭବେଶ ସାହୁଙ୍କର ମଧ ସ୍ଥାନ ପାଇ କୋଟପାଡ ପାଇଁ ଗୌରବ ଆଣିଥିବାରୁ ସନ୍ମାନିତ କରାଯାଇ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା ।

# ଏନ୍.ସି.ସି ମିଳିତ ବାର୍ଷିକ ତାଲିମ ଶିବିର




**ବ୍ରହ୍ମପୁର :** ୧ ଓଡ଼ିଶା ନାଭାଲ ୟୁନିଟ୍ ଏନ୍.ସି.ସି ବ୍ରହ୍ମପୁର ପକ୍ଷରୁ ଏକ ମିଳିତ ବାର୍ଷିକ ତାଲିମ ଶିବିର ଚମାଖଣ୍ଡିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଉଦଘାଟିତ ହୋଇଯାଇଛି । ଏନ୍.ସି.ସି ଓଡ଼ିଶା ନିର୍ଦ୍ଦେଶାଳୟ ଅଧୀନରେ ଥିବା ବିଭିନ୍ନ ୟୁନିଟ୍‌ର ୫୦୦ରୁ ଅଧିକ ଏନ୍.ସି.ସି କ୍ୟାଡେଟ୍ ଏହି ଦଶ ଦିନିଆ ମିଳିତ ବାର୍ଷିକ ତାଲିମ ଶିବିରେ ସୋମବାର ଯୋଗଦେଇଛନ୍ତି । ଏହି ଶିବିରଟି ଏନ୍.ସି.ସି ବ୍ରହ୍ମପୁର ଗ୍ରୁପ୍ ହେଡ୍ କ୍ୱାର୍ଟର ଅଧୀନରେ ଥିବା ୧ ଓଡ଼ିଶା ନାଭାଲ ୟୁନିଟ୍ ଏନ୍.ସି.ସି ବ୍ରହ୍ମପୁର ଦ୍ୱାରା ପରିଚାଳିତ ହେଉଛି । ଏହି ଶିବିରଟିକୁ ଛତ୍ରପୁରର ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସୁଜିତ କୁମାର ପାଢୀ (ଡଂରଝ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । କ୍ୟାଡେଟ୍‌ମାନଙ୍କୁ ସମ୍ବୋଧିତ କରି, ସେମାନଙ୍କୁ ସାମରିକ ଶୈଳୀର ତାଲିମ ଅନୁଭବ କରିବା, ଶୃଙ୍ଖଳା, ନେତୃତ୍ୱ ଗୁଣାବଳୀ ବିକାଶ ଏବଂ ଆତ୍ମବିଶ୍ୱାସର ସହିତ ଭବିଷ୍ୟତର କ୍ୟାରିଅର ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ । ଏହି ତାଲିମ ଶିବିରରେ, ଉଭୟ ବାଳକ ଓ ବାଳିକା ବର୍ଗର କ୍ୟାଡେଟ ମାନଙ୍କୁ ବିଭିନ୍ନ ସାମରିକ ଏବଂ ନୌସେନା-ମୁଖୀ କାର୍ଯ୍ୟକଳାପର ତାଲିମ ଗ୍ରହଣ କରିବେ । ରେଜିମେଣ୍ଟାଲ୍ ତାଲିମ, ଡ୍ରିଲ୍, ରାଇଫଲ ଡ୍ରିଲ୍, .୨୨ ରାଇଫଲ୍ ଫାୟାରିଂ କରିବେ । ସେହିପରି ସିପ୍ ମଡଲିଂ, ସିମାଫୋର, ନେଭିଗେସନ୍ ଏବଂ ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦଠାରେ ଦୁଃସାହସିକ ଜଳକ୍ରୀଡା ଯଥା ବୋଟ୍ ପୁଲିଂ, ସେଲିଂ, ସନ୍ତରଣ ଆଦିର ପ୍ରଶିକ୍ଷଣ ନେବେ । ଏହା ସହିତ, ୬୦ ଜଣ ମନୋନୀତ କ୍ୟାଡେଟଙ୍କୁ ଡ୍ରୋନ୍ ପରିଚାଳନାର ସ୍ୱତନ୍ତ୍ର ତାଲିମ ଦିଆଯିବ । ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରୁ ଆଗାମୀ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟ୍ ମାନଙ୍କୁ ଚୟନ କରାଯିବ । ଶିବିରଟି କ୍ୟାଡେଟମାନଙ୍କ ମଧରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ, ନେତୃତ୍ୱ ଏବଂ ସାହସିକତାର ମନୋଭାବ ସୃଷ୍ଟି କରିବା ସହିତ ସେମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱ ଏବଂ ଚରିତ୍ର ବିକାଶକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି ।

## ଘର ଛାତ ପକାକୁ ନେଇ ରକ୍ତାକ୍ତ ସଂଘର୍ଷ ପଡ଼ୋଶୀଙ୍କ ଆକ୍ରମଣ

# ନଣଦଙ୍କ ମୃତ୍ୟୁ, ଭାଉଜ ଗୁରୁତର



**ବାଲେଶ୍ୱର :** ଘର ଛାତ ପକାକୁ କେନ୍ଦ୍ର କରି ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ହରିପୁର ପଞ୍ଚାୟତରେ ଘଟିଛି ଏକ ବିଭତ୍ସ ହତ୍ୟାକାଣ୍ଡ । ପଡ଼ୋଶୀଙ୍କ ମରଣାନ୍ତକ ଆକ୍ରମଣରେ ନଣଦ କମଳା ସେଠୀଙ୍କ ମୃତ୍ୟୁ ଘଟିଥିବା ବେଳେ ଭାଉଜ ଶକୁନ୍ତଳା ସେଠୀ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ।ସୂଚନା ଅନୁସାରେ, ହରିପୁର ଗ୍ରାମର ସୁରେନ୍ଦ୍ର ସେଠୀଙ୍କ ଘର ଛାତ ପକା ପାଇଁ ସେଣ୍ଟ୍ରିଂ କାମ ଚାଲିଥିଲା । ଏହି ସମୟରେ ସେଣ୍ଟ୍ରିଂ ପଟା ସାମାନ୍ୟ ଭାବେ ପଡ଼ୋଶୀ ମାନସ ଜେନାଙ୍କ ସୀମା ଭିତରକୁ ପଡ଼ିଯାଇଥିବାକୁ ନେଇ ଦୁଇ ପକ୍ଷ ମଧରେ ବିବାଦ ସୃଷ୍ଟି ହୋଇଥିଲା ।ଅଭିଯୋଗ ଅନୁଯାୟୀ, ଏହାକୁ ନେଇ ଉତ୍ୟକ୍ତ ହୋଇ ମାନସ ଜେନା ଧାରୁଆ ଅସ୍ତ୍ରରେ ସୁରେନ୍ଦ୍ରଙ୍କ ଭଉଣୀ କମଳା ସେଠୀଙ୍କୁ ଆକ୍ରମଣ କରିଥିଲେ । ଏଥିସହ ଭାଉଜ ଶକୁନ୍ତଳା ସେଠୀଙ୍କୁ ମଧ ଆକ୍ରମଣ କରାଯାଇଥିଲା । ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା । ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।ତେବେ ବିଳମ୍ବିତ ରାତିରେ ଡାକ୍ତର କମଳା ସେଠୀଙ୍କୁ ମୃତ ଘୋଷଣା କରିଥିଲେ । ଶକୁନ୍ତଳା ସେଠୀଙ୍କ ଅବସ୍ଥା ଏବେ ମଧ ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି ।ଏନେଇ ଖଇରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଜଣେ ମହିଳାଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



**ବାଲେଶ୍ୱର :** ୨୭/୦୪/୨୦୨୬ ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭୋଗରାଇ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧରୁ ୧୩୫ ଗୋଟି ବ୍ୟକ୍ତିଗତ ଓ ୦୪ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୨ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଳବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati